## ସଂକ୍ଷେପରେ

### ୭ଦିନ ହେଲା ଜଳଯୋଗାଣ ବନ୍ଦ, ଲୋକେ ହଇରାଣ

ବୋଡ଼େନ,୨୬ା୧୦( ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ୧୫ ଗୋଟି ପଞ୍ଚାୟତର ବିଭିନ୍ନ ଗାଁକୁ ପାଇପ ଯୋଗେ ପିଇବା ପାଣି ଯୋଗାଣ କରାଯାଉଥିଲା। କିନ୍ତୁ ଗତ ୭ଦିନ ହେଲା ଜଳ ଯୋଗାଣ କରାଯାଉ ନ ଥିବାରୁ ଲୋକମାନେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିଖାଲି ଡ୍ୟାମ୍‌ରୁ ବିଭିନ୍ନ ଗାଁକୁ ଜଳ ଯୋଗାଣ ପାଇଁ ଓଭର୍‌ହେଡ ପାଣି ଟାଙ୍କି ନିର୍ମାଣ କରାଯାଇଛି। ହେଲେ ଆଜକୁ ଏକସପ୍ତାହ ବିତି ଯାଇଥିଲେ ବି ପାଣିଟାଙ୍କି ଶୁଖିଲା ପଡିଛି। ଲୋକମାନେ ଦୂର ଦୂରାନ୍ତକୁ ଯାଇ ନଳକୂପର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଫଳରେ ଜ୍ୱର, କାଶ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ସୂଚନା ଅନୁଯାୟୀ ଟିଖାଲି ଡ୍ୟାମଠାରେ କିଛିଦିନ ହେଲା ମରାମତି କାମ ଚାଲିଛି ବୋଲି କୁହାଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଯୁଦ୍ଧକାଳୀନ ଭିତ୍ତିରେ ଜଳ ଯୋଗାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ

ଖଡ଼ିଆଳ,୨୬ା୧୦ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଉତ୍କଳ ବାଳାଶ୍ରମ ଖଡ଼ିଆଳଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଡିସିପିଓ କାର୍ଯ୍ୟାଳୟର ଶ୍ରୀନିବାସ ବେହେରା, ସୁଧୀର କ୍ଷେତ୍ରୀ, ଭୂମିସୂତା ସୁନାନି ଓ ନିରଞ୍ଜନ ଭୋଇ ଉପସ୍ଥିତ ଥିଲେ। ସିଡବ୍ଲୁସି ମେମ୍ବର ଅହଲ୍ୟା ପୂଜାରୀ ଓ ବବିତା ମିଶ୍ର, ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ମୁନି ପରୁଆ ଓ ନନ୍ଦିତା ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍କଳ ବାଳାଶ୍ରମର ପ୍ରିୟଦର୍ଶିନୀ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅର୍ଚ୍ଚନା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ଅବସରରେ ଶିଶୁମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

### ସରପଞ୍ଚଙ୍କୁ ଅପହରଣ ଚର୍ଚ୍ଚା

ନୂଆପଡା,୨୬ା୧୦ (ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଭଇଷାତାଲ ପଞ୍ଚାୟତ ସରପଞ୍ଚ ତଥା ସରପଞ୍ଚ ସଂଘ ଜିଲା ସଭାପତି ପ୍ରେମଲାଲ ନାଏକଙ୍କୁ ଅପହରଣ କରାଯାଇଥିବାବେଳେ ସେ କୌଶଳ କ୍ରମେ ଖସି ଆସିଥିବା ଚର୍ଚ୍ଚା ହେଉଛି। ଜୋଙ୍କ ଥାନା ଅଧୀନ ବଲୋଦା ଗାଁର ପ୍ରେମଲାଲ ନାଏକ ଶନିବାର ପ୍ରତ୍ୟୁଷରେ ମର୍ଣ୍ଣିଂ ୱାକ୍ କରିବାକୁ ଯାଇଥିବା ବେଳେ କେତେଜଣ ବ୍ୟକ୍ତି ରାସ୍ତାରୁ ତାଙ୍କୁ ଉଠାଇ ନେଇଥିଲେ। ତୁମକୁ ମାରିବା ପାଇଁ ଆମକୁ ଅନ୍ୟଜଣେ ଟଙ୍କା ଦେଇ ପଠାଇଛି ବୋଲି ଅପହରଣକାରୀ କହିଥିଲେ। ଏହା ଜାଣିବା ପରେ ସରପଞ୍ଚ ବୁଦ୍ଧି ଖଟାଇ ଦୁଇଗୁଣ ଟଙ୍କା ଦେବି, ମୋତେ ଛାଡିଦିଅ ବୋଲି ଚୁକ୍ତି କରି ସେଠାରୁ ଖସିଆସିଥିବା ଶୁଣିବାକୁ ମିଳିଛି। ସରପଞ୍ଚ ନାଏକଙ୍କୁ ଯୋଗାଯୋଗ କରିବାରୁ ସମ୍ଭବ ହୋଇପାରିଲା ନାହିଁ। ଏ ସଂକ୍ରାନ୍ତରେ ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀଙ୍କୁ ପଚାରିବାରୁ ଏଯାଏ ଲିଖିତ ଅଭିଯୋଗ ଆସି ନାହିଁ। ଖବର ପାଇଲା ପରେ ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଛି ବୋଲି କହିଥିଲେ।

# ଅମଳକ୍ଷମ ଧାନ ଫସଲ ନଷ୍ଟ କରୁଛନ୍ତି

ଭବାନୀପାଟଣା,୨୬ା୧୦(ଉତ୍ତମ କୁମାର ଦାଶ)


ଧାନଫସଲ ମାଡି ନଷ୍ଟ କରିଛନ୍ତି ହାତୀ।

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ବିଶେଷ କରି ଏହି ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତର କମେଗାଁରେ ସପ୍ତାହେ ହେଲାଣି ଏକ ୩୦ ଟିକିଆ ହାତୀପଲ ଧାନଫସଲ ନଷ୍ଟ କରୁଥିବା ଚିତ୍ର ସାମ୍ନାକୁ ଆସିଛି। ପ୍ରତିବର୍ଷ ଧାନ ପାଚିବା ସମୟରେ ବଣୁଆ ହାତୀ ଏହି ଅଞ୍ଚଳକୁ ପଶି ଫସଲ ନଷ୍ଟ କରିଥାନ୍ତି। ଶୁକ୍ରବାର ରାତିରେ ହାତୀପଲ କମେ ଜଙ୍ଗଲରୁ ବାଲିବନ୍ଧ ପଦର ଗ୍ରାମର ପୀତବାସ ଖାଡଙ୍ଗା, ବେଣୁଧର ଖାଡଙ୍ଗା, ଗଣେଶ ଖାଡଙ୍ଗା, ପିଙ୍କୁ ଖାଡଙ୍ଗା, ଭବାନୀ ସାହୁ ପ୍ରମୁଖ ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ କ୍ଷେତରେ ପଶି ୧୫ ଏକରରୁ ଅଧିକ ଜମିର ଧାନ ଫସଲ ଖାଇଯିବା ସହ ଦଳିଚକଟି ନଷ୍ଟ କରିଥିବା ଦେଖିବାକୁ ମିଳିଛି। ସମସ୍ତେ ଗରିବ ଶ୍ରେଣୀର ଚାଷୀ ହୋଇଥିବାବେଳେ ଧାରକରଜ କରି ଚାଷ କରିଥିଲେ। ହେଲେ ଅମଳ ବେଳକୁ ହାତୀ ଧାନ ନଷ୍ଟ କରିଦେବାରୁ ସେମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ବଣୁଆ

**ନର୍ଲାରେ ହାତୀ ଉପଦ୍ରବ**

ହାତୀପଲ ନର୍ଲା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ପଶି ଫସଲ କ୍ଷୟକ୍ଷତି କରୁଛନ୍ତି। ପୂର୍ବରୁ ହାତୀପଲ ନର୍ଲା ଉପକଣ୍ଠ କମର୍ଦା, ଉଲିଗୁଞ୍ଜି, ରେଗଡିମାଲ, ଭଟାଙ୍ଗ, ବାଙ୍କେଲ, ଉଲିର୍ସିକା ଓ ପାଣିମୁଣ୍ଡା ପ୍ରଭୃତି ଅଞ୍ଚଳର ଫସଲ ନଷ୍ଟ କରୁଥିଲେ। ହାତୀ ଦାଉରୁ ଫସଲ ରକ୍ଷା କରିବା ପାଇଁ ଚାଷୀ ଫରେଷ୍ଟର, ରେଞ୍ଜର ଏପରି କି ଜିଲାପାଳଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ହାତୀପଲ ଧାନଫସଲ ଖାଇଯିବା ପରେ ପରିବା କ୍ଷେତ ପଟେ ମୁହାଁଉଛନ୍ତି। ହାତୀ ଉପଦ୍ରବରେ ଲୋକେ ଭୟଭୀତ ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ହାତୀ ଘଉଡାଇବାକୁ ଯାଇ ବିଭାଗୀୟ କର୍ମଚାରୀ ଆକ୍ରମଣର ଶିକାର ହେଉଛନ୍ତି। ଦୁଇବର୍ଷ ତଳେ ହାତୀ ଘଉଡାଇବାକୁ ଯାଇ ନର୍ଲା ଫରେଷ୍ଟର ଭବାନୀ ନାଏକଙ୍କ ବାମ ହାତ ଭାଙ୍ଗି ଯାଇଥିଲା ଓ ଡାହାଣ ଜଙ୍ଘରେ ଆଘାତ ଲାଗିଥିଲା। ସେହିପରି କିଛିମାସ ତଳେ ହାତୀ ଘଉଡାଇବାକୁ ଯାଇ ନର୍ଲା ରେଞ୍ଜର ପ୍ରଶାନ୍ତ କାଲୋ ଶେଷରେ ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିଲେ।

# ନଗଦ ଆକାରରେ ଭତ୍ତା ଟଙ୍କା ଦିଆଯାଉ


ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

କଳମପୁର,୨୬ା୧୦(ଗଣେଶରାମ ବାଗ)

**ହିତାଧିକାରୀ ବିଡିଓଙ୍କ ଦ୍ୱାରସ୍ଥ**

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ ଅଞ୍ଚଳର ଭତ୍ତା ହିତାଧିକାରୀ ସମସ୍ୟା ମଧ୍ୟରେ ଛନ୍ଦିହୋଇ ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବନ୍ଧକନା ପଞ୍ଚାୟତ ଚୁରାଗାଁ ଗ୍ରାମର ଶତାଧିକ ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ଅଭିଯୋଗକ୍ରମେ ସହଜ ଜନସେବା କେନ୍ଦ୍ର ଓ ମୁଖ୍ୟ ବ୍ୟାଙ୍କରେ ପ୍ରବଳ ଭିଡ଼ ଲାଗି ରହୁଛି। ପ୍ରବଳ ଭିଡ଼ ଭିତରେ ପଶି ଟଙ୍କା ଉଠାଣ କରିବା ସମ୍ଭବ ହେଉନାହିଁ। ଅଙ୍ଗୁଠି ଛାପ ମଧ୍ୟ କାମ କରୁ ନ ଥିବା କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ସିଧାସଳଖ ନଗଦ ଆକାରରେ ଭତ୍ତା ଟଙ୍କା ଯୋଗାଇ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ବିଡିଓ ମାଣ୍ଡାଙ୍ଗି ସେମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ, ଯେଉଁ ହିତାଧିକାରୀମାନେ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଣ କରିବାରେ ଅସମର୍ଥ ସେମାନେ ନିଜ ସମ୍ପର୍କୀୟଙ୍କ ନାମ ଦେଇଦେଲେ ପିଇଓମାନେ ବ୍ୟାଙ୍କକୁ ସୁପାରିସ କରିଦେବେ ଏବଂ ସମ୍ପର୍କୀୟମାନେ ଯାଇ ଟଙ୍କା ଉଠାଣ କରିପାରିବେ। କିନ୍ତୁ ଭତ୍ତା ହିତାଧିକାରୀ ପୂର୍ବଭଳି ଗାଁକୁ ଆସି ଭତ୍ତା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ବିଡିଓ ମାଣ୍ଡାଙ୍ଗି ଯାହା ହୋଇପାରିବ ନିଶ୍ଚିତ ଭାବେ ଏହାର ସମାଧାନ କରାଯିବ ବୋଲି କହିଥିଲେ।

# ଖେଳପଡ଼ିଆ ଅନ୍ୟକୁ ଟେକିଦେବାକୁ ବିରୋଧ

ନୂଆପଡ଼ା,୨୬ା୧୦ (ମକାରୁ ବେମାଲ)

**ଧାରଣାଦେବାକୁ ଜିଲାପାଳଙ୍କୁ ସ୍ମାରକପତ୍ର**

ନୂଆପଡ଼ା ଜିଲା କୋମନା ବ୍ଲକ୍ ତରବୋଡ ପଞ୍ଚାୟତ ଧରମପୁର ଗାଁର ବଞ୍ଜାରୀ ଖେଳପଡ଼ିଆକୁ ଅନ୍ୟକୁ ଟେକିଦେବାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସେଠାରେ ପୋଲିସ ହାଉସିଂ ବୋର୍ଡ ତରଫରୁ ଟ୍ରକ୍ ଟର୍ମିନାଲ ନିର୍ମାଣ ହେଉଥିବା କୁହାଯାଉଛି। ହେଲେ କୌଣସି ନାମଫଳକ ନ ଥିବା ଜଣାପଡୁ ନାହିଁ। ଏହାକୁ ବିରୋଧକରି ଆସନ୍ତା ୨୮ରେ ଉକ୍ତ ପଡିଆରେ ଧାରଣା ଦେବା ପାଇଁ ଗ୍ରାମବାସୀ ଜିଲାପାଳ ଓ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ ଧରମପୁର ଗାଁ ବଞ୍ଜାରୀ ମନ୍ଦିର ପ୍ରାଙ୍ଗଣରେ ୩୫୩ ନଂ. ଜାତୀୟ ରାଜପଥ କଡରେ ଖେଳପଡିଆ କରି ଦୀର୍ଘବର୍ଷରୁ ଗାଁ ଓ ସ୍କୁଲ ପିଲା ଖେଳକୁଦ କରିଆସୁଥିଲେ। ଧରମପୁର ଗାଁର ସଂରକ୍ଷିତ ଗୋଚର ଜମି ଖାତା ନଂ.୨୫୩, ପ୍ଲଟ୍ ନଂ.୬୫୨ରେ ମୋଟ ୧୪ ଏକର ୮୩ ଡେସିମିଲ ରହିଛି। ସେଥିରୁ କିଛି ଅଂଶ ଖେଳପଡିଆ ଓ ଅବଶିଷ୍ଟ ଜମିରେ ଗ୍ରାମବାସୀ ପଳାସ ଓ ନିମ୍ବ ଗଛ ଲଗାଇ ଗୋରୁ, ଛେଳିମେଣ୍ଢା ଚରାଉଥିଲେ। ଗାଁରେ ଗ୍ରାମସଭା ନ କରି ବା ଗ୍ରାମବାସୀଙ୍କ ଅଜାଣତରେ ଏହି ଜମିକୁ ପ୍ରଶାସନ ଅନ୍ୟକୁ ଟେକି ଦେଇଛନ୍ତି। ଏଥିରୁ ୮ ଏକର ଜମି ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଜିଲା ପ୍ରଶାସନ ପୋଲିସ ହାଉସିଂ ବୋର୍ଡକୁ ଦେଇଥିବାରୁ ଗ୍ରାମବାସୀ ବିରୋଧ କରୁଛନ୍ତି। ପୁଣି ଉକ୍ତ ଜମିରୁ ୫ ଶହ ପଳାସ ଓ ୫୦ରୁ ଊର୍ଦ୍ଧ୍ୱ ନିମ୍ବ ଗଛ କାଟି ଦିଆଯାଇଛି। ଏ ବିଷୟରେ ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ ନୂଆପଡ଼ା, ତହସିଲଦାର କୋମନାଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆସନ୍ତା ୨୮ରେ ଉକ୍ତ ପଡ଼ିଆରେ ଧାରଣାରେ ବସିବେ ବୋଲି ଜିଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ମାଧବ ମାଝି, ପ୍ରେମାନନ୍ଦ ମାଝି, ଲିଙ୍ଗରାଜ ଖର୍ସେଲ, ଧରମ ସିଂ ମାଝି, ଖଗେଶ୍ୱର ବନ୍‌ଛୋର ପ୍ରମୁଖ ଉପସ୍ଥିତ ଥିଲେ।

### ସର୍ବଭାରତୀୟ ଫୁଟ୍‌ବଲ: ଫାଇନାଲରେ କଳାହାଣ୍ଡି

କୋମନା,୨୬ା୧୦ (ସୋବିନ ଛତ୍ରିଆ): ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ମା' ବସ୍ତ୍ରାଣୀ ଖେଳପଡିଆରେ ସ୍ପୋର୍ଟସ୍ ଆସୋସିଏଶନ ବୁଦ୍ଧିକୋମନା ଆନୁକୂଲ୍ୟରେ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲୁରହିଛି। ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ ବୋଡାସମ୍ବର (ପଦମପୁର) ଓ କଳାହାଣ୍ଡି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଡ୍ର ରହିବାରୁ ପେନାଲ୍ଟି ଶୁଟ୍‌ରେ କଳାହାଣ୍ଡି ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ପାଣ୍ଡବ ବିଶି, ରିଙ୍କୁ ବିଶି, ଦେବାଶିଷ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅକ୍ଷୟ ନନ୍ଦ, ଜିଲାପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ଯୋଗଦେଇଥିଲେ।

# ନବନିଯୁକ୍ତ କନିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ଅତିଥିଙ୍କ ସହ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକ।

ଲାଞ୍ଜିଗଡ଼,୨୬ା୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନବନିଯୁକ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ୭ ତାରିଖରେ ନୂତନ ଭାବେ ୪୯ ଜଣ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ଲାଞ୍ଜିଗଡ ବ୍ଲକର ବିଭିନ୍ନ ସ୍କୁଲରେ ଯୋଗଦେଇଛନ୍ତି। ସଭାରେ ଏବିଇଓ ଲକ୍ଷ୍ମୀପ୍ରିୟା ମୁଦୁଲି ମୁଖ୍ୟ ଅତିଥି, ଏବିଇଓ ଭରତ ଭୂଷଣ ସାହୁ ବିଶିଷ୍ଟ ଅତିଥି ଓ ପୂର୍ବତନ ଏବିଇଓ ପଦ୍ମଲୋଚନ ସୁନା, ଲାଞ୍ଜିଗଡ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି, ସମ୍ପାଦକ ଏମ୍.ଏସ୍. ଶେଖର, ଉପଦେଷ୍ଟା ତପନ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗୁରୁଗୋବିନ୍ଦ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ମୋନାଲିସା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାର୍ଯ୍ୟ ରାଜସ୍ୱ ସଂଗ୍ରହ ଉପରେ ଗୁରୁତ୍ୱ

ନୂଆପଡ଼ା,୨୬ା୧୦ (ମକାରୁ ବେମାଲ)


ସଦର ତହସିଦାରଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯାଉଛି।

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜିଲା ରାଜସ୍ୱ ସଂଗ୍ରହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲାପାଳ ପ୍ରତିନିଧି ଆଲୋକ କୁମାର ଅନଗୁଳିଆ, ରାଜସ୍ୱ ଅଧିକାରୀ ଡ. ସବ୍ୟସାଚୀ ସାହୁ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ମାନା ସିଂ, ନୂଆପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ଶତପଥି, ଖରିଆର ରୋଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ରାଜସ୍ୱ ସଂଗ୍ରହ ଉପରେ ଗୁରୁତ୍ୱ ଦେଇ ଜିଲାପାଳ କହିଥିଲେ, ଅଧିକାରୀମାନେ ବିଭିନ୍ନ ଉତ୍ସରୁ ରାଜସ୍ୱ ବୃଦ୍ଧି ପାଇଁ ଧ୍ୟାନ ଦିଅନ୍ତୁ। ଜିଲାର ସମସ୍ତ ବାଲି, ମୋରମ, ପଥର ଖାଦାନରୁ ନିୟମିତ ରାଜସ୍ୱ ସଂଗ୍ରହ ହେବା ଦରକାର। ଅବକାରୀ, ପରିବହନ ବିଭାଗ ଧାର୍ଯ୍ୟ ରାଜସ୍ୱ ଲକ୍ଷ୍ୟ ପୂରଣ କରନ୍ତୁ। ଯନ୍ତ୍ରୀମାନେ ମଧ୍ୟ ଠିକାଦାରଙ୍କଠାରୁ ଉଚିତ ରାଜସ୍ୱ ଆଦାୟ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ସମସ୍ତ ଅଧିକାରୀ ମୁକ୍ତ ହସ୍ତରେ ରେଡକ୍ରସ ପାଣ୍ଠି ପାଇଁ ଦାନ କରିବା ସହିତ ଏହାର ବୃଦ୍ଧିରେ ସହାୟକ ହୁଅନ୍ତୁ ବୋଲି ଜିଲାପାଳ ଦାସ ମତବ୍ୟକ୍ତ କରିଥିଲେ। ଧାର୍ଯ୍ୟ ରାଜସ୍ୱ ସଂଗ୍ରହ ଦ୍ୱାରା ଜିଲାର ସମ୍ବଳ ବୃଦ୍ଧି ହୋଇ ବିକାଶ ହେବ ଓ ଏଥିପ୍ରତି ସମସ୍ତ ଅଧିକାରୀ ଧ୍ୟାନ ଦେବାକୁ ଅତିରିକ୍ତ ଜିଲାପାଳ ଶବର ମତ ଦେଇଥିଲେ। ବିଗତ ତ୍ରୈମାସିକ ସମୀକ୍ଷାରେ ନୂଆପଡା ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ବିଭିନ୍ନ କ୍ଷେତ୍ରରେ ସର୍ବୋତ୍ତମ ସଫଳତା ପ୍ରଦର୍ଶନ କରିଥିବାରୁ ତାଙ୍କୁ ପ୍ରୋତ୍ସାହନ ମୂଳକ ଟ୍ରଫି ପ୍ରଦାନ କରାଯାଇଥିଲା।

# ବିଧାୟକଙ୍କ ଉଦ୍ୟମରେ ଜମି ଫେରିପାଇଲେ

ଖଡ଼ିଆଳ,୨୬ା୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ରିଷିଗାଁ ଗ୍ରାମପଞ୍ଚାୟତ ନରସିଂହପୁର ଗ୍ରାମର ୧୧ ପରିବାର ବିଧାୟକଙ୍କ ଉଦ୍ୟମରେ ସେମାନଙ୍କ ଜମି ଫେରିପାଇଛନ୍ତି। ଗ୍ରାମର ମଧୁ ବାରିକ, ମକାରୁ ବାରିକ, ଗୁର୍ଜୁ ପରାଭୋଇ, ହର୍ଗୁଲାଲ ମତୁଆଲି, ଅକାଲ ପରାଭୋଇ, ବୈଦ୍ୟନାଥ ପରାଭୋଇ, ଛିନୁ ସଗରିଆ, ଘିନୁ ସଗରିଆ, ଗୌରାଙ୍ଗ ମତୁଆଲି, ରାମ ଭକତ ତେଜି, ନେହେରୁ ତେଜି ଭୂମିହୀନ ହୋଇଥିବାରୁ ସରକାରଙ୍କୁ ଜମି ଖଣ୍ଡେ ପାଇଁ ଆବେଦନ କରିଥିଲେ। ସରକାରୀ ନିୟମ ଅନୁସାରେ ରାଜସ୍ୱ ବିଭାଗ ତରଫରୁ ସେମାନଙ୍କୁ ୪ ଡେସିମିଲ ଲେଖାଏ ଜମି ଦିଆଯାଇଥିଲା। ଏହାର ପଟ୍ଟା ମଧ୍ୟ ସେମାନେ ପାଇଥିଲେ। ହେଲେ ଜମି ଚିହ୍ନଟହୋଇ ନ ଥିବାରୁ ସେମାନେ ନିରାଶ ହୋଇପଡ଼ିଥିଲେ। ଆବାସ ଯୋଜନାରେ ଘର ଖଣ୍ଡେ କରିପାରୁ ନ ଥିଲେ। ଏ ନେଇ ହିତାଧିକାରୀ ବାରମ୍ବାର ଖଡ଼ିଆଳ ତହସିଲ କାର୍ଯ୍ୟାଳୟ ଆସି ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଦୀର୍ଘ ୨୭ବର୍ଷ ଧରି ସେମାନେ ନ୍ୟାୟ ପାଇପାରୁ ନ ଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ଜଣାଇଲା ପରେ ସେ ରାଜସ୍ୱ ବିଭାଗ ସହିତ ଯୋଗାଯୋଗ କରିଥିଲେ। ତାଙ୍କ ଉଦ୍ୟମରେ ସମସ୍ତଙ୍କ ଜମି ଚିହ୍ନଟ ହୋଇଥିଲା। ସମସ୍ତେ ଜମି ପାଇ ଖୁସି ବ୍ୟକ୍ତ କରିବା ସହ ବିଧାୟକ ଓ ସ୍ଥାନୀୟ ସରପଞ୍ଚଙ୍କ ଉଦ୍ୟମ ପାଇଁ ସାଧୁବାଦ ଜଣାଇଛନ୍ତି।

# ଭଟାଙ୍ଗପଦରରେ କ୍ଲଷ୍ଟରସ୍ତରୀୟ ସୁରଭି

ଭବାନୀପାଟଣା, ୨୬ା୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭଟାଙ୍ଗପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶନିବାର ଆଞ୍ଚଳିକ ସାଧନ କେନ୍ଦ୍ର (କ୍ଲଷ୍ଟର) ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଲାଞ୍ଜିଗଡ଼ ଏବିଇଓ ଭାରତ ଭୂଷଣ ସାହୁ ମୁଖ୍ୟ ଅତିଥି ଓ ଭଟାଙ୍ଗପଦର ସରପଞ୍ଚ ଦଶମୀ ମାଝି, ସମିତି ସଭ୍ୟ ରୂପେନ ଛତ୍ରିଆ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ, ଗୁଣ୍ଡୁରୀ ପ୍ରଧାନ ଶିକ୍ଷକ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଭଟାଙ୍ଗପଦର କ୍ଲଷ୍ଟର ଅଧୀନରେ ଥିବା ୧୬ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ଶିକ୍ଷା କାର୍ଯ୍ୟାଳୟରୁ ସୌମେନ୍ଦ୍ରନାଥ ପଟ୍ଟନାୟକ ଓ ପୂର୍ବତନ ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପରିଶେଷରେ ଶିଶୁ ପ୍ରତିଭାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କେଦାରନାଥ ସାହୁ ଓ ସୁଚରିତା ପୁଟେଲ ପରିଚାଳନା କରିଥିଲେ। ଶେଷରେ ଦନାର୍ଦ୍ଦନ ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# କୁମ୍ଭକାରଙ୍କ କୌଳିକ ବୃତ୍ତି ଅନ୍ଧାରରେ

କୋକସରା,୨୬ା୧୦ (ଦୁଷ୍ମନ୍ତ କୁମାର ପାଟଯୋଷୀ)


କୁମ୍ଭକାରମାନେ ଦୀପ ପ୍ରସ୍ତୁତ କରୁଛନ୍ତି।

**ଦୀପାବଳି ପାଇଁ ମାଟିଦୀପ ପ୍ରସ୍ତୁତିରେ ବ୍ୟସ୍ତ କାରିଗର**

ଆଲୋକର ପର୍ବ ଦୀପାବଳି ଆସିଲେ ଗାଁଠୁ ସହର ଚଳଚଞ୍ଚଳ ହୋଇଉଠେ। ଏହି ପର୍ବରେ ସବୁଠୁ ଅଧିକ ଆବଶ୍ୟକ ହୁଏ ଦୀପ। ଘରେ ବା ଦାଣ୍ଡଦୁଆରେ ଦୀପ ଜଳିଲେ ଅମାବାସ୍ୟା ରାତି ହୋଇଉଠେ ଆଲୋକମୟ। ହେଲେ ମାଟିଦୀପ ପ୍ରସ୍ତୁତ କରୁଥିବା କୁମ୍ଭକାରଙ୍କ କୌଳିକ ବୃତ୍ତି ଏବେ ଅନ୍ଧାର ଭିତରେ। କଳାହାଣ୍ଡି ଜିଲା କୋକସରା ବ୍ଲକ୍‌ର ମାଝିଗୁଡ଼ା, ଫୁପଗାଁ, କାଉଡୋଲା ଆଦି ଗ୍ରାମର କୁମ୍ଭକାର ପରିବାର ନିଜ କୌଳିକ ବୃତ୍ତିକୁ ଜୀବନ ଜୀବିକା ଭାବେ ଗ୍ରହଣକରି ମାଟିରେ ଘରକରଣା ସାମଗ୍ରୀ ତିଆରିକରି ନିକଟସ୍ଥ ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ନୂତନ ପିଢ଼ିର ଯୁବଗୋଷ୍ଠୀ ନିଜର କୌଳିକ ବୃତ୍ତି ପ୍ରତି ମୁହଁ ମୋଡୁଥିବା କହିଛନ୍ତି ବୟସ୍କ ମାଟି କାରିଗର।

ଆଉ କିଛିଦିନ ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ମାଟିଦୀପ ପ୍ରସ୍ତୁତିରେ ଲାଗି ପଡିଛନ୍ତି କୁମ୍ଭକାର ପରିବାରର ମହିଳା ଓ ପୁରୁଷ। ଅଖଚକର ଚକା ଭଉଁରି ଭିତରେ ଦିନରାତି ମାଟିରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ତିଆରି କରୁଛନ୍ତି। କୁମ୍ଭାରଶାଳର ଚକ ବୁଲିଲେ କୁମ୍ଭକାର ପରିବାରର ସଂସାର ଚାଲେ। ହେଲେ ଆଧୁନିକତାର ଚାକଚକ୍ୟ ମଧ୍ୟରେ ହଜିଯାଉଛି ମାଟିର ଦୀପ। ଏହାର ସ୍ଥାନ ନେଇଛି ଇଲେକ୍ଟ୍ରି ସ୍ୱୟଂଚାଳିତ ଦୀପ ଓ ରଙ୍ଗବେରଙ୍ଗ ଲିଟୁମାଳ। ଏହାକୁ ନେଇ ଚିନ୍ତିତ ରହିଛନ୍ତି କୁମ୍ଭକାର ପରିବାର ଲୋକେ। ଆଗକୁ ଦୀପାବଳି ଆସୁଥିଲେ ବି ଦୀପ କିମ୍ବା ମାଟିପାତ୍ର ପାଇଁ କେହି ଜଣେ ହେଲେ ଗରାଖ ଗାଁକୁ ଆସୁନାହାନ୍ତି। ବଜାରକୁ ନେଲେ ମଧ୍ୟ କେତେଜଣ ଗରାଖ ଦୀପ କିଣୁଥିବା ବେଳେ ପୂର୍ବ ଭଳି ଚାହିଦା ନାହିଁ। ମାଟିଦୀପ ଓ ଦୀପାବଳିର ମହତ୍ତ୍ୱ ବୁଝୁଥିବା କେତେଜଣ ଗରାଖ ବରାଦ ଦେଇ ନେଉଛନ୍ତି ବୋଲି କୁହନ୍ତି ମାଝିଗୁଡ଼ା ଗ୍ରାମର ବୟସ୍କ କୁମ୍ଭକାର ଘାସିରାମ ନାଏକ, ହରିନ୍ଦ୍ର ନାଏକ, ପରିକ୍ଷିତ ରଣା, ଗୋପୀ ରଣା, ଦେବୀପ୍ରସାଦ ନାଏକ, କୁନ୍ତଳା ନାଏକ, କୁନି ରଣା, ରୀନା ନାଏକ, ନୀଳାଦ୍ରି ନାଏକ ପ୍ରମୁଖ। ନୂଆ ପିଢ଼ି ଏହି ବେଉସାକୁ ମୁହଁ ମୋଡୁଥିବାରୁ ଆଗକୁ ଆଉ ମାଟିପାତ୍ର ସାମଗ୍ରୀ ଦେଖିବାକୁ ମିଳିବ ନାହିଁ ବୋଲି ସେମାନେ କହନ୍ତି। କୁମ୍ଭକାରଙ୍କ ମାଟି ତିଆରି ବିଭିନ୍ନ ଘରକରଣା ଓ ସାଜସଜ୍ଜା ସାମଗ୍ରୀ ବିକ୍ରି ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କଲେ ହୁଏତ ଆଗକୁ ଯୁବପିଢ଼ି ଆଗ୍ରହ ପ୍ରକାଶ କରିବା ସମ୍ଭାବନା ଦେଖାଯିବ। ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ କୁମ୍ଭକାର ପରିବାର ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### ବରପାଲି କଲେଜରେ ପାଠଚକ୍ର

**ବରପାଲି,୨୬।୧୦(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ମହାବିଦ୍ୟାଳୟରେ ଶନିବାର ଶିକ୍ଷା ବିଭାଗ ପକ୍ଷରୁ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ମମତା ସାହୁ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଜୟନ୍ତୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ମାନସ ଖମାରୀ, ଝରଣା ପଟେଲ, ଅପର୍ଣ୍ଣା ଦାଶ, ରଶ୍ମିତା ନାଗ ପ୍ରମୁଖ ଭାରତୀୟ ଦର୍ଶନ ବିଷୟରେ ଉପସ୍ଥାପନ କରିଥିଲେ। ବିଭାଗୀୟ ଅଧ୍ୟାପିକା ଅନିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ର କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବିଧାୟକଙ୍କ ଉଦ୍ୟମରେ ଜମି ଫେରିପାଇଲେ

**ଖଡ଼ିଆଳ,୨୬।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ରିଷିଗାଁ ଗ୍ରାମପଞ୍ଚାୟତ ନରସିଂହପୁର ଗ୍ରାମର ୧୧ ପରିବାର ବିଧାୟକଙ୍କ ଉଦ୍ୟମରେ ସେମାନଙ୍କ ଜମି ଫେରିପାଇଛନ୍ତି। ଗ୍ରାମର ମଧୁ ବାରିକ, ମକାରୁ ବାରିକ, ଗୁର୍ଚ୍ଛୁ ପରାଭୋଇ, ହର୍ଗୁଲାଲ ମଟୁଆଲି, ଅକାଳ ପରାଭୋଇ, ବୈଦ୍ୟନାଥ ପରାଭୋଇ, ଛିନୁ ସଗରିଆ, ଘିନୁ ସଗରିଆ, ଗୌରାଙ୍ଗ ମଟୁଆଲି, ରାମ ଭକତ ତେଜି, ନେହେରୁ ତେଜି ଭୂମିହୀନ ହୋଇଥିବାରୁ ସରକାରଙ୍କୁ ଜମି ଖଣ୍ଡେ ପାଇଁ ଆବେଦନ କରିଥିଲେ। ସରକାରୀ ନିୟମ ଅନୁସାରେ ରାଜସ୍ୱ ବିଭାଗ ତରଫରୁ ସେମାନଙ୍କୁ ୪ ଡେସିମିଲ ଲେଖାଏ ଜମି ଦିଆଯାଇଥିଲା। ଏହାର ପଟ୍ଟା ମଧ୍ୟ ସେମାନେ ପାଇଥିଲେ। ହେଲେ ଜମି ଚିହ୍ନଟହୋଇ ନ ଥିବାରୁ ସେମାନେ ନିରାଶ ହୋଇପଡ଼ିଥିଲେ। ଆବାସ ଯୋଜନାରେ ଘର ଖଣ୍ଡେ କରିପାରୁ ନ ଥିଲେ। ଏ ନେଇ ହିତାଧିକାରୀ ବାରମ୍ବାର ଖଡ଼ିଆଳ ତହସିଲ କାର୍ଯ୍ୟାଳୟ ଆସି ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଦୀର୍ଘ ୨୭ବର୍ଷ ଧରି ସେମାନେ ନ୍ୟାୟ ପାଇପାରୁ ନ ଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ଜଣାଇଲା ପରେ ସେ ରାଜସ୍ୱ ବିଭାଗ ସହିତ ଯୋଗାଯୋଗ କରିଥିଲେ। ତାଙ୍କ ଉଦ୍ୟମରେ ସମସ୍ତଙ୍କ ଜମି ଚିହ୍ନଟ ହୋଇଥିଲା।

# ଓବିସିଙ୍କୁ ଅଣଦେଖା କରୁଛନ୍ତି ସରକାର



ଆଲୋଚନାରେ ଅଂଶଗ୍ରହଣ କରିଥିବା ଓବିସି ସୁରକ୍ଷା ମଞ୍ଚର ପ୍ରତିନିଧିବୃନ୍ଦ।

**ବରଗଡ଼,୨୬।୧୦(ପ୍ରେମାନନ୍ଦ ଖମାରୀ)**

ଅନ୍ୟାନ୍ୟ ପଛୁଆବର୍ଗ(ଓବିସି)ମାନଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ବରଗଡ଼ ଗୋବିନ୍ଦପାଲିସ୍ଥିତ ପଲ୍ଲବ ପ୍ୟାଲେସ୍ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଓବିସି ସୁରକ୍ଷା ମଞ୍ଚ ପକ୍ଷରୁ ଅନୁଷ୍ଠିତ ଆଲୋଚନାରେ ଏହା ମତପ୍ରକାଶ ପାଇଛି। ଆଲୋଚନାରେ ଅଂଶଗ୍ରହଣ କରି ମଞ୍ଚର ବରିଷ୍ଠ ସଦସ୍ୟ ବୃଷଭାନୁ ସାହୁ କହିଥିଲେ, ଶିକ୍ଷା, ଚାକିରି, ରାଜନୀତି ଆଦି କ୍ଷେତ୍ରରେ ଓବିସିମାନଙ୍କ ପାଇଁ ସଂରକ୍ଷଣ କରାଯିବା ପାଇଁ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ ଓବିସିଙ୍କ ସଂଖ୍ୟା ୫୨ପ୍ରତିଶତ ଥିବା ସତ୍ତ୍ୱେ ସରକାର ଓବିସିମାନଙ୍କୁ କୌଣସି ସୁବିଧା ସୁଯୋଗ ଦେଉନାହାନ୍ତି। ରାଜ୍ୟ ସରକାର ଓବିସିମାନଙ୍କ ଗଣନା କରି ସେହି ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି ସାହୁ ଦାବି କରିଛନ୍ତି। ରାଜନୀତି କ୍ଷେତ୍ରରେ ଓବିସି ସଂରକ୍ଷଣ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିବାରୁ ଏହି ବର୍ଗର ଲୋକଙ୍କ ପ୍ରତି ସରକାର ପ୍ରତାରଣା କରିଛନ୍ତି ବୋଲି ମଞ୍ଚ ସଭାପତି ଷଡ଼ାନନ ଭୋଇ କହିଥିଲେ। ଓବିସିମାନଙ୍କ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବା ଲକ୍ଷ୍ୟରେ ଆଗାମୀ ଦିନରେ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ଆସନ୍ତା ନଭେମ୍ବର ୧୦ତାରିଖରେ ବରଗଡ଼ ପଲ୍ଲବ ପ୍ୟାଲେସ୍‌ରେ ଓବିସି ମଞ୍ଚ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ମଞ୍ଚର ସମ୍ପାଦକ ବୈଷ୍ଣବ ଚରଣ ତ୍ୟାଗୀ, କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ, ଶ୍ରୀମନ୍ତ ବାରିକ, ହୃଷୀକେଶ ପ୍ରଧାନ, ଶ୍ରୀପତି ଭୋଇ, କିଶୋର ସାହୁ, ଯଦୁମଣି ପ୍ରଧାନ, ଜଗନ୍ନାଥ ସାହୁ, ଦାମୋଦର ସରାଫ, ଭବାନୀ ସାହୁ, ଲୋକେଶ୍ୱର ପ୍ରଧାନ, ନବୀନ ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟ୍ରକ୍ ହେଲପରଙ୍କ ସନ୍ଦେହଜନକ ମୃତ୍ୟୁ



ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

**ଅତାବିରା,୨୬।୧୦(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ସାଲନାସ୍ଥିତ ଏକ ଫ୍ୟାକ୍ଟ୍ରି ପରିସର ଏକ ଗାତରୁ ଶନିବାର ଜଣେ ଟ୍ରକ ହେଲପର(ଖଲାସୀ)ଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ହରିୟାଣା ରାଜ୍ୟ ପାନାଭଡ଼ା ଗ୍ରାମର ବିଟ୍ଟୁ ସିଂ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୪) ରୁଜୁ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ତେବେ କିଭଳି ପରିସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି, ତାହା ଜଣାପଡ଼ି ନାହିଁ। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ଟ୍ରକ୍ ଡ୍ରାଇଭର ଶନି କୁମାରଙ୍କ ସହିତ ହେଲପର ଫ୍ୟାକ୍ଟ୍ରି ପାଇଁ କିଛି ସାମଗ୍ରୀ ଧରି ପହଞ୍ଚିଥିଲେ। ଉଭୟେ ଏକାଠି ରାତ୍ରିଭୋଜନ ମଧ୍ୟ କରିଥିଲେ। କିନ୍ତୁ ଶନିବାର ଫ୍ୟାକ୍ଟ୍ରି ପରିସରରେ ରହିଥିବା ଏକ ଗାତରେ ବିଟୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ଫ୍ୟାକ୍ଟ୍ରି ମ୍ୟାନେଜର ଦୀପକ ଭୋଇ ସୂଚନା ପାଇବା ପରେ ରୁଷୁଡ଼ା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ଅଧିକାରୀମାନେ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# ତାଲିମ କେନ୍ଦ୍ରରେ ସମାବର୍ତ୍ତନ ଉତ୍ସବ

**ବରଗଡ଼,୨୬।୧୦(ପ୍ରେମାନନ୍ଦ ଖମାରୀ)**



ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ତାଲିମ କେନ୍ଦ୍ରରେ ଶନିବାର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ସରୋଜ କୁମାର ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡିନ୍ ଆର. ଏସ୍. ଭି କ୍ରୀଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରମାନେ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବା ସହିତ ନିଜକୁ ଜଣେ କୁଶଳୀ କାରିଗର ଭାବେ ଗଢ଼ି ତୋଳିବା, ପରବର୍ତ୍ତୀ ସମୟରେ ଏହାର ସଦୁପଯୋଗ କରି ନିଜକୁ ସ୍ୱାବଲମ୍ବୀ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବରଗଡ଼ ଗ୍ରାମାଞ୍ଚଳ ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରମାନଙ୍କ ଶୃଙ୍ଖଳିତ ଜୀବନଚର୍ଯ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପପତି ବାସୁଦେବ ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର କର୍ତ୍ତବ୍ୟ କରିବା ସହିତ ଦେଶର ଜଣେ ସୁନାଗରିକ ହେବା ପାଇଁ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଆଲୁମିନି ସଦସ୍ୟ ଶାନ୍ତନୁ ନାଗ ବିଗତ ଦିନର ଅନୁଭୂତି, ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ନିଜର ସଫଳତା ନେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ବିନୋଦ ବୁଢ଼ିଆ ସ୍ୱାଗତ ଭାଷଣ ଓ ତାପସ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗଗନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରବୋଧ ସାହୁ, ତାପସ ଭୋଇ ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଝାରବନ୍ଧ,୨୬।୧୦(ଦେବେନ୍ଦ୍ର ସାହୁ)**

ଝାରବନ୍ଧରେ ଶୁକ୍ରବାର ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଏହାକୁ ଉଦ୍‌ଘାଟନ କରିଥିଲେ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଏହି କାର୍ଯ୍ୟାଳୟ ସହାୟକ ହେବ ବୋଲି ମତ ଦେବା ସହ ଏଠାରେ ଅଭିଯୋଗ ପ୍ରକୋଷ୍ଠ କରି ଲୋକଙ୍କ ଅଭିଯୋଗ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଗ୍ରହଣ କରି ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଝାରବନ୍ଧ ବ୍ଲକର ଭାଜପା କର୍ମୀ ବିନୋଦ ବିହାରୀ ବାଗ, ସାମନ୍ତ ଶେଖର ମୁନା, ଗମ୍ଭୀର ବାଗ, ଡୁଲଚନ୍ଦ୍ର ସାହୁ, ହରିହର ସାହୁଙ୍କ ସହ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଅମଲା ସଂଘର ସମ୍ବର୍ଦ୍ଧନା ସଭା



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼,୨୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମିଳନ ମଣ୍ଡପ ସଭାଗୃହରେ ଶନିବାର ଓଡ଼ିଶା ଅମଲା ସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ରମେଶ ମେହେର ସଭାପତିତ୍ୱ କରିଥିଲେ। ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଭୁବନାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଲେବିଡ଼ି ସରକାରୀ ହାଇସ୍କୁଲର କିରାଣି ସମୀର କୁମାର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ଅବସର ଗ୍ରହଣ କରିଥିବା ୨୭ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଦୋନ୍ନତି ଏବଂ ଗ୍ରେଡ୍ ପେ ବୃଦ୍ଧି ଦାବି ନେଇ ସଂଘ ପକ୍ଷରୁ ବିଧାୟକ ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ଫାଲଗୁନି ପଣ୍ଡାଙ୍କୁ ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ମନୋନୀତ କରାଯାଇଥିଲା। ନନ୍ଦକୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡି ବୁଲି ସ୍ଥିତି ଦେଖିଲେ ଜିଲାପାଳ

**ଅତାବିରା,୨୬।୧୦(ହୃଷୀକେଶ ଖମାରୀ)**

ବରଗଡ଼ ଜିଲାରେ ଧାନ ଅମଳ ଆରମ୍ଭ ହୋଇଛି। ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ପରେ ଜିଲାର ମଣ୍ଡିଗୁଡିକରେ ଧାନ ସଂଗ୍ରହ କରାଯିବ। ଏହି କ୍ରମରେ ମଣ୍ଡିଗୁଡିକର ସ୍ଥିତି କିଭଳି ରହିଛି ଜିଲାପାଳ ଆଦିତ୍ୟ ଗୋୟଲ ତାର ସ୍ଥିତି ନିରୀକ୍ଷଣ କରିଛନ୍ତି। ଶନିବାର ଜିଲାପାଳ ଗୋୟଲ ଅତାବିରା ଆରଏମ୍‌ସିର ବିଭିନ୍ନ ମାର୍କେଟ ୟାର୍ଡ ପରିଦର୍ଶନ କରି ସ୍ଥିତି ନିରୀକ୍ଷଣ କରିଥିଲେ। ଏହାସହିତ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ତଦାରଖ କରିଥିଲେ। ଉନ୍ନୟନ ମୂଳକ କାର୍ଯ୍ୟ ଠିକ ଭାବେ ଓ ସମୟ ସୀମା ମଧରେ ସମ୍ପୂର୍ଣ୍ଣ କରିବା ଦିଗରେ ଦୃଷ୍ଟି ଦେବା ପାଇଁ ସମ୍ପାଦକ ଡୋଲାମଣି ପୁରୋହିତ ଓ ଉପସ୍ଥିତ ଆରଏମ୍‌ସି କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅତାବିରା, ଗୋଡ଼ଭଗା, ଲଦମ୍ପା, କାଦୋବାହାଲ ମଣ୍ଡି ଗୁଡ଼ିକୁ ସେ ପରିଦର୍ଶନରେ ଯାଇଥିଲେ।



ବରଗଡ଼ ଜିଲାପାଳ ଅତାବିରା ଆରଏମ୍‌ସିରେ ମଣ୍ଡି ପରିଦର୍ଶନ କରୁଛନ୍ତି।

# ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜର ବାର୍ଷିକୋତ୍ସବ



ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ପାଇକମାଳ,୨୬।୧୦(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପରିସରରେ ଥିବା ବ୍ରାହ୍ମଣ ସମାଜ ସଂସ୍କୃତି ମଣ୍ଡପରେ ୨୫ ତମ ବାର୍ଷିକୋତ୍ସବ ତଥା ରୌପ୍ୟ ଜୟନ୍ତୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ପାଇକମାଳ ଶିବ ମନ୍ଦିର ନିକଟ ଝରଣାରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରଯାଇଥିଲା। ଶନିବାର ଗାୟତ୍ରୀ ମହାଯଜ୍ଞ ହୋଇଥିଲା। ଏଥିରେ ମାଧବ ମୋହନ ପାଣିଗ୍ରାହୀ ଓ ସ୍ତ୍ରୀ ବବିତା ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ଏବଂ ପଣ୍ଡିତ ପ୍ରେମାନନ୍ଦ ଦେବତା ପୂଜାକାର୍ଯ୍ୟ ତୁଲାଇଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ବ୍ରାହ୍ମଣ ସମାଜ ସଭାପତି ଗିରିଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କରିଥିବା ମୁଖ୍ୟ ଅତିଥି, ଜୟନାରାୟଣ ତ୍ରିପାଠୀ, ଝସକେତନ ନନ୍ଦ, ସଦାନନ୍ଦ ପାଢୀ, ଶଶିଭୂଷଣ ପଣ୍ଡା, କୃଷ୍ଣଚନ୍ଦ୍ର ଦେବତା, ଶ୍ରୀକାନ୍ତ ପଣ୍ଡା, ଗୌରଚନ୍ଦ୍ର ରଥ, ଯୋଗେନ୍ଦ୍ର ମିଶ୍ର, ସରୋଜ ଦାଶ, ଦୀପକ ଦାଶ, ଛତିଶଗଡ଼ ବାଲୋଦା ସଭାପତି କୃଷ୍ଣ ମୁରାରି ପାଣିଗ୍ରାହୀ, ମହାସମୁନ୍ଦ ଜିଲା ସଭାପତି ବଳଦେଓ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣ ସମାଜର ଉନ୍ନତି, ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହିନୀର ସାମାଜିକ କାର୍ଯ୍ୟ, ସମାଜ ସଂସ୍କାର ଉପରେ ଅତିଥିମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହାସହ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତ୍ୟେକ କ୍ଷେତ୍ରରେ ନାରୀ ଘରୁ ବାହାରି ନିଜ ଜାତି ତଥା ଦେଶ ପାଇଁ କାମ କଲେ ଦେଶର ଉନ୍ନତି ହେବ ବୋଲି ଗାୟତ୍ରୀ ବାହିନୀ ସଭାନେତ୍ରୀ ବାସନ୍ତୀ ମିଶ୍ର କହିଥିଲେ। ସୁଶାନ୍ତ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ସତ୍ୟନାରାୟଣ ଯୋଶୀ, ମାତୃ ପ୍ରସାଦ ରଥ, ଶଙ୍କର ଦାଶ, ସନ୍ତୋଷ ପାଣିଗ୍ରାହୀ, ଆଲୋକ ମିଶ୍ର, ପ୍ରୀତିଶ ବଡ଼ପଣ୍ଡା, ରିଙ୍କୁ ମହାପାତ୍ର, ରୋଶନ ପାଣିଗ୍ରାହୀ ଓ ମାନସ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପର୍ଶୁରାମ ବାହିନୀ ସଭାପତି ବୁଲୁ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶପଥପାଠ କଲେ ଛାତ୍ରୀଛାତ୍ର

**ବରଗଡ଼,୨୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ଜନହିତରେ ଜାରି କରାଯାଇଥିବା ଶପଥ ପାଠ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ପ୍ରମାଣିତ ଉତ୍ପାଦଗୁଡ଼ିକୁ ଜଣେ ଦାୟିତ୍ୱ ସମ୍ପନ୍ନ ନାଗରିକ ଭାବେ ଦୈନନ୍ଦିନ ଜୀବନରେ ଯଥାସମ୍ଭବ ନିଜେ ବ୍ୟବହାର କରିବା ଏବଂ ଅନ୍ୟମାନଙ୍କୁ ଏଥିପ୍ରତି ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମାନକ କ୍ଲବର ସଦସ୍ୟଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଶପଥପାଠ କରିଥିଲେ। ଲୋକଙ୍କ ଚାହିଦାକୁ ଆଖି ଆଗରେ ରଖି ଗୁଣବତ୍ତାପୂର୍ଣ୍ଣ ଉତ୍ପାଦ ଓ ସେବାକୁ ଉପଲବ୍ଧ କରାଇବା ପାଇଁ ସମସ୍ତଙ୍କ ଚାହିଦା ରହିଛି ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନକ କ୍ଲବର ମାର୍ଗଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀ ଶପଥପାଠ କରାଇଥିଲେ। କ୍ରୀଡ଼ା ଶିକ୍ଷକ ଜ୍ୟୋତିଶ୍ଚନ୍ଦ୍ର ପଧାନ, ଶ୍ରୀପତି ସାହୁ, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତା ମହନ୍ତ, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ।



ଭୁକ୍ତାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଶପଥପାଠ କରୁଛନ୍ତି।

# ପାଇକମାଳ ହାଇସ୍କୁଲରେ ସାଇନିଂ ଷ୍ଟାରଙ୍କୁ ସମ୍ବର୍ଦ୍ଧନା

**ପାଇକମାଳ,୨୬।୧୦(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ସାଇନିଂ ଷ୍ଟାର ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧେଶ୍ୟାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଗୋଟିଏ ହାତରେ ପୁସ୍ତକ ଓ ଅନ୍ୟ ହାତରେ ଗୁରୁଙ୍କୁ ଧରି ଆଗକୁ ଅଗ୍ରସର ହେବା ପାଇଁ ସେ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାସ୍ତରରେ ପାଇକମାଳ ହାଇସ୍କୁଲର ୬ ଜଣ ଛାତ୍ରୀ ତେଜସ୍ୱିନୀ ପ୍ରଧାନ, ଶିଖା ପ୍ରଧାନ, ବର୍ଷା ରାଣୀ ପ୍ରଧାନ, ସୁପ୍ରିୟା ସାହୁ, ଭାରତୀ ସାହୁ, ନାହିଦ ପ୍ରବିନ୍ ସାଇନିଂ ଷ୍ଟାର ଚୟନ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଦାମ ପାଣ୍ଡେ, ରଜତ କୁମାର ସାହୁ, ମଧୁସ୍ମିତା ମେହେର, ଜଗବନ୍ଧୁ ସ୍ୱାଧୀନ, ନିରୁପମା ସାହୁ ସହଯୋଗ କରିଥିଲେ। ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା ଏବଂ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ସାଇନିଂ ଷ୍ଟାର।

# କର୍କଟ ପ୍ରତିହତ ପାଇଁ ସଚେତନତା ଲୋଡ଼ା

**ବରଗଡ଼,୨୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଫାଇଟର୍ସ ଗ୍ରୁପ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନରେ ଶନିବାର ସ୍ତନ କର୍କଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଇଟର୍ସ ଗ୍ରୁପ୍‌ର ସଦସ୍ୟ ଅସୀମା ବିଶୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂର୍ଯ୍ୟକାନ୍ତି ସିକନ୍ଦର ଏବଂ ଜୟଶ୍ରୀ ପଣ୍ଡା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଡା. ଶକ୍ତି ତ୍ରିପାଠୀ ଯୋଗଦେଇ ସ୍ତନ୍ୟପାନ ଏବଂ କର୍କଟ ରୋଗର ବିପଦ ଉପରେ ନିଜ ମତ ରଖିଥିଲେ। ସ୍ତନ୍ୟପାନ କରାଇବା ଦ୍ୱାରା କର୍କଟ ରୋଗ ହେବା ଆଶଙ୍କା ଯଥେଷ୍ଟ କମ୍ ଥାଏ ବୋଲି ସେ କହିଥିଲେ। କର୍କଟ ରୋଗ ବିଶେଷଜ୍ଞ ଡା. ଭାରତ ଚନ୍ଦ୍ର ମିଶ୍ର ସ୍ତନ କର୍କଟ ରୋଗରୁ ମୁକ୍ତି ପାଇଁ ଆବଶ୍ୟକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଉପସ୍ଥିତ ମହିଳାମାନେ ପ୍ରଶ୍ନ କରିବା ପରେ ଡାକ୍ତରମାନେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। କର୍କଟ ରୋଗକୁ ପରାସ୍ତ କରିଥିବା ଫାଇଟର୍ସ ଗ୍ରୁପ୍ ସଦସ୍ୟା ପୁଷ୍ପାଞ୍ଜଳି ବେହେରା କହିଥିଲେ, ସ୍ୱାମୀଙ୍କ କର୍କଟ ରୋଗରେ ଦେହାନ୍ତ ହେବା ପରେ ସେ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ମାତ୍ର ଦୀର୍ଘଦିନର ଲଢ଼େଇ ପରେ ସେ କର୍କଟକୁ ପରାସ୍ତ କରିଥିବା କହିଥିଲେ। ଫାଇଟର୍ସ ଗ୍ରୁପ୍‌ର ସଦସ୍ୟା ଅମୃତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ସଂକ୍ଷେପରେ

### ଚିକିତ୍ସାଧୀନ ଅଜଣା ଯୁବକ ମୃତ

**ରାଉରକେଲା,୨୬।୧୦(ଦିନେଶ ମିଶ୍ର):** ବାସନ୍ତୀ କଲୋନି ସ୍ଥିତ ବାଜିରାଉତ ମାର୍କେଟ ଛକ ରାସ୍ତାକଡ଼ରୁ ଉଦ୍ଧାର ହୋଇଥିବା ଜଣେ ଅଜଣା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ କୌଣସି ପରିଚୟ ମିଳିନାହିଁ। ତାଙ୍କ ବୟସ ପାଖାପାଖି ୪୮ ବର୍ଷ ହେବ ଜଣାପଡିଛି। ଏ ନେଇ ଉଦିତନଗର ପୋଲିସ ଏକ ମାମଲା (ନଂ.୩୩/୨୪) ରୁଜୁ କରି ମୃତଦେହକୁ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନି ବାଜିରାଉତ ମାର୍କେଟ ଛକ ରାସ୍ତାକଡ଼ରେ ଅସୁସ୍ଥ ଅବସ୍ଥାରେ ଜଣେ ଯୁବକ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଆରଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଯୌତୁକ ଦାବି କରି ସ୍ୱାମୀ ଗିରଫ

**ବେଦବ୍ୟାସ,୨୬।୧୦(ଆଲୋକ ସ୍ୱାଇଁ):** ଯୌତୁକ ଦାବି କରିବା ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଆଲୋକ ପଣ୍ଡା। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ୮ବର୍ଷ ତଳେ କଲୁଙ୍ଗା ଅଞ୍ଚଳର ଧରିତ୍ରୀ ପଣ୍ଡା ନାମକ ମହିଳାଙ୍କୁ ଆଲୋକ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଉଭୟଙ୍କର ଏକ ଝିଅ ମଧ ରହିଛି। ଗତ କିଛିଦିନ ହେଲା ଆଲୋକ ଅଧିକ ଯୌତୁକ ଦାବି କରି ତାଙ୍କ ସ୍ତ୍ରୀଙ୍କୁ ମାଡ଼ପିଟ୍ କରୁଥିଲେ। ଏପରିକି ତାଙ୍କୁ ମାରିବାକୁ କୁଆଡେ ଉଦ୍ୟମ କରୁଥିଲେ। ସ୍ୱାମୀଙ୍କ କବଳରୁ ଖସିଆସି ଧରିତ୍ରୀ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଆଲୋକଙ୍କୁ ଶନିବାର ପୋଲିସ ଗିରଫ କରିଥିଲା।

### ଘରେ ପଶି ଚୋରି, ୨ ଗିରଫ

**ରାଉରକେଲା,୨୬।୧୦(ସଙ୍ଗୀତା ଜେନା):** ରାଉରକେଲା ସେକ୍ଟର-୩ ଓ ଝିରପାଣି ଥାନା ଅଞ୍ଚଳରେ ଶନିବାର ଘରେ ପଶି ଚୋରି କରୁଥିବା ବେଳେ ପୋଲିସ ୨ଜଣ ମହିଳାଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ମୋବାଇଲ ଓ ଲାପ୍‌ଟପ୍ ଜବତ ହୋଇଛି। ଏ ନେଇ ସେକ୍ଟର-୩ ଥାନାରେ ଏକ ମାମଲା (ନଂ.୨୩୭/୨୪) ଓ ଝିରପାଣି ଥାନାରେ ଅନ୍ୟ ଏକ ମାମଲା (ନଂ.୧୬୩/୨୪) ରୁଜୁ ହୋଇଛି। ଏମାନେ ଯାଯାବର ସମ୍ପ୍ରଦାୟର ଅଟନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତା ଦ୍ୱୟ ଶନିବାର ସକାଳେ କୋଏଲନଗର ସି ବ୍ଲକର ଗଣେଶ ମିଶ୍ରଙ୍କ ଘରେ ପଶି ୨ଟି ମୋବାଇଲ ଚୋରି କରୁଥିବା ବେଳେ ଧରାପଡ଼ିଥିଲେ। ପରେ ସେମାନେ ସେକ୍ଟର-୩ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଚୋରି କରୁଥିବା ବେଳେ ପୁନଃ ଧରାପଡ଼ିଥିଲେ।

### ୯ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

**ରାଉରକେଲା,୨୬।୧୦(ସଙ୍ଗୀତା ଜେନା):** ଚକ୍ରଧରପୁର ରେଳମଣ୍ଡଳ ଅଧୀନ ଷ୍ଟେଶନ ଗୁଡ଼ିକରେ ମାଦକ ଦ୍ରବ୍ୟ ଧରପଗଡ଼ କରାଯାଉଛି। ଏହି କ୍ରମରେ ଶନିବାର ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ରାଉରକେଲା ଷ୍ଟେଶନରୁ ୯ କେଜି ୭ଶହ ଗ୍ରାମ ଗଞ୍ଜେଇ ଧରାପଡ଼ିଥିବା ସୂଚନା ମିଳିଛି। ଏ ନେଇ ଏକ ମାମଲା (ନଂ.୩୧୭/୨୪) ରୁଜୁ ହୋଇଛି। ଗଞ୍ଜେଇ ଚାଲାଣକାରୀ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମର ରାଜୁ ତୁବିଦ୍‌ଙ୍କୁ ଗିରଫ କରାଯାଇଛି। ଶନିବାର ଷ୍ଟେଶନ ପରିସରରେ ଧରପଗଡ଼ କରାଯାଉଥିବା ବେଳେ ଷ୍ଟେଶନ ମୁଖ୍ୟଦ୍ୱାରରେ ସନ୍ଦିଗ୍ଧ ଅବସ୍ଥାରେ ଅଭିଯୁକ୍ତ ବୁଲୁଥିବା ଦେଖାଯାଇଥିଲା। ଯାଞ୍ଚ କରିବାରୁ ତାଙ୍କ ବ୍ୟାଗ୍‌ରେ ଥିବା ଉକ୍ତ ଗଞ୍ଜେଇକୁ ଜବତ କରାଯାଇଥିଲା।

# ବିପଦସଙ୍କୁଳ ରେଳ ଲାଇନ୍ ଅତିକ୍ରମ

**ରାଉରକେଲା,୨୬।୧୦(ଦିନେଶ ମିଶ୍ର)**

ରାଉରକେଲା ସହରରେ ରେଲୱେ ବିଭାଗ ପକ୍ଷରୁ ଗତ ୧୫ ବର୍ଷ ଭିତରେ ୩ଟି ଫ୍ଲାଏ ଓଭରବ୍ରିଜ ନିର୍ମାଣ କରାଯାଇଛି। ଏହି ରେଲୱେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ହେବା ପରଠାରୁ ରେଳ ଫାଟକଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ତେବେ କିଛି ଲୋକ ନିୟମକୁ ବେଖାତିର କରି ଟ୍ରେନ ଉପରେ ଚଢି ରେଳଧାରଣା ଅତିକ୍ରମ କରୁଛନ୍ତି। ଏଭଳି ଦୃଶ୍ୟ ବାସନ୍ତୀ କଲୋନି ସ୍ଥିତ ଫ୍ଲାଏଓଭର ବ୍ରିଜ୍ ତଳେ ଦେଖିବାକୁ ମିଳିଛି।

ରାଉରକେଲା ସହର ଦେଇ ଦକ୍ଷିଣ-ପୂର୍ବ ରେଳପଥ ଯାଇଛି। ଏହି ରେଳପଥ ଦେଇ ପ୍ରତିଦିନ ମାଲବାହୀ ଓ ଯାତ୍ରୀବାହୀକୁ ମିଶାଇ ୨୦ରୁ ଊର୍ଦ୍ଧ୍ୱ ଟ୍ରେନ ଚଳାଚଳ କରୁଛି। ରାଉରକେଲା ସହରର ପ୍ରମୁଖ ବାସନ୍ତୀ କଲୋନି, ଏସ୍‌ଟିଆଇ ଛକ ଓ ରଘୁନାଥପାଲି ଛକ ହୋଇଥିବାବେଳେ ଏହି ୩ଟି ଛକ ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରନ୍ତି। ଏକାଧିକ ଲୋକେ ଏହି ରାସ୍ତାଦେଇ ଯାଉଥିବାରୁ ରେଲୱେ ବିଭାଗ ୩ଟି ପ୍ରମୁଖ ଛକରେ ରେଲୱେ ଫାଟକ ରହିଥିଲା। ଟ୍ରେନ ଏହି ଫାଟକ ଦେଇ ଯାଉଥିବାବେଳେ ଘଣ୍ଟା ଘଣ୍ଟା ଧରି ଲୋକେ ରେଳ ଲାଇନ ପାର୍ କରିବା ପାଇଁ ଅପେକ୍ଷା କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ସହରର ଏହି ୩ଟି ପ୍ରମୁଖ ଛକରେ



ଲୋକେ ଟ୍ରେନ ଉପରେ ଚଢି ଲାଇନ ପାର ହେଉଛନ୍ତି।

ଓଭରବ୍ରିଜ୍ ନିର୍ମାଣ କରାଯାଇଥିଲା। ବାସନ୍ତୀ କଲୋନି ରେଲୱେ ଓଭରବ୍ରିଜ୍ ନିକଟରେ ହରିପୁର ବସ୍ତି, କୁମ୍ଭାରପଡା ବସ୍ତି, ଆମ୍ବେଡ଼କର ବସ୍ତି, ମାଲଗୋଦାମ ବସ୍ତି, ମନୁ ପଟ୍ଟନାୟକ ଗଳି, ସର୍ଦ୍ଦାର ରହିଛି। ବାସନ୍ତୀ କଲୋନି ରେଲୱେ ଓଭରବ୍ରିଜ ନିର୍ମାଣ ସରିବା ପରେ ବ୍ରିଜ ତଳେ ଥିବା ରେଳ ଫାଟକକୁ ରେଲୱେ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲା। ବାସନ୍ତୀ ଓଭରବ୍ରିଜଠାରୁ ରାଉରକେଲା ରେଳ ଷ୍ଟେଶନ ମାତ୍ର ୫ଶହ ମିଟର ଦୂର। ପ୍ରାୟ ସମୟରେ ଏହି ରେଲୱେ ବ୍ରିଜ୍ ତଳେ ଥିବା ରେଳ ଲାଇନ୍‌ରେ କୌଣସି ମାଲଗାଡି ନଚେତ୍ ଯାତ୍ରୀବାହୀ ଗାଡି ରହିଥାଏ। ରାଉରକେଲା ରେଳ ଷ୍ଟେଶନରୁ ଲାଇନ୍ କ୍ଲିୟର ସିଗ୍‌ନାଲ ମିଳିବା ପରେ ଏହି ଟ୍ରେନଗୁଡିକ ପୁନଃ ଯାତାୟତ କରିଥାଏ। ବହୁ ସମୟ ଧରି ଏହି ରେଳ ଫାଟକରେ ମାଲଗାଡି ଓ ଯାତ୍ରୀବାହୀ ଟ୍ରେନ ଠିଆ ହୋଇ ରହୁଥିବାରୁ ଫାଟକ ପାଖ ବସ୍ତିବାସୀ ଏବଂ ଅନ୍ୟମାନେ ଟ୍ରେନ ଚକ ତଳେ ନଚେତ୍ ଟ୍ରେନ ଉପର ଦେଇ ରେଳ ଧାରଣା ଅତିକ୍ରମ କରୁଛନ୍ତି। ହଠାତ ଟ୍ରେନ ଛାଡିଦେଲେ ଲୋକଙ୍କ ଜୀବନ ହାନି ହୋଇଥାଏ। ଏଭଳି ଭାବେ ଗତ ୫ ବର୍ଷ ଭିତରେ ୭ ଜଣଙ୍କ ଜୀବନ ଯାଇଥିବା

**୫ ବର୍ଷ ଭିତରେ ଗଲାଣି ୭ ଜୀବନ**

ଜିଆରପି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୧୯ରେ ସନିଆ ବେହେରା ନାମକ ଜଣେ ଯୁବକଙ୍କ ଜୀବନ ଯାଇଥିବାବେଳେ ୨୦୨୦ରେ ୨ଜଣ ଓ ୨୦୨୧-୨୨ରେ ୨ ଜଣଙ୍କ ରେଳ ଲାଇନ ଅତିକ୍ରମ କରୁଥିବାବେଳେ ଜୀବନ ଯାଇଛି। ସେହିପରି ୨୦୨୩-୨୪ରେ ବର୍ତ୍ତମାନ ସୁଦ୍ଧା ୨ ଜଣଙ୍କ ପ୍ରାଣହାନି ହୋଇଛି । ଏ ନେଇ ରାଉରକେଲା ଷ୍ଟେଶନ ମାଷ୍ଟର ପ୍ରଭାସ ରଞ୍ଜନ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ବାସନ୍ତୀ କଲୋନି ରେଲୱେ ଓଭରବ୍ରିଜ ତଳେ ଥିବା ଫାଟକକୁ ଆଜିକୁ ଦୀର୍ଘ ବର୍ଷ ଧରି ବନ୍ଦ କରାଯାଇଛି। ଅନେକ ସମୟରେ ଏହି ଫାଟକ ତଳେ ଲୋକଙ୍କ ଜୀବନ ଯାଉଥିବାବେଳେ ଲୋକେ ସଚେତନ ହେଉନାହାନ୍ତି। ସେଥିପାଇଁ ରେଲୱେ ବିଭାଗ ପକ୍ଷରୁ ମଧ୍ୟ ରେଳ ଲାଇନ କଡରେ ସୂଚନା ଫଳକ ସହ ଫାଟକର ଉଭୟ ପାଖକୁ ଲୁହାବାଡ ଦେଇ ସିଲ୍ କରି ଦିଆଯାଇଛି। ତଥାପି ଅମାନିଆ ଲୋକେ ଟ୍ରେନ ଠିଆ ହୋଇଥିଲେ ମଧ୍ୟ ରେଲୱେ ନିୟମକୁ ମାନୁନାହାନ୍ତି। ତେଣୁ ଏଥିପ୍ରତି ପ୍ରତ୍ୟେକ ଲୋକ ସଚେତନ ହେବା ଆବଶ୍ୟକ ବୋଲି ଦାସ ସୂଚନା କହିଥିଲେ।

## ଜବରଦଖଲ ଘରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ରାଉରକେଲା,୨୬।୧୦(ସଙ୍ଗୀତା ଜେନା)**

ରାଉରକେଲା ମହାନଗର ନିଗମ ପକ୍ଷରୁ ରାଉରକେଲାର ବିଭିନ୍ନ ଅଞ୍ଚଳରେ କର୍ମଚାରୀମାନଙ୍କୁ ଆବାସ ଦିଆଯାଇଥିଲା। ଅବସରଗ୍ରହଣ କରିଥିବା କର୍ମଚାରୀମାନେ ଏଥିରୁ ଅନେକ ଘରକୁ ଜବରଦଖଲ କରିରଖିଥିବା ବେଳେ କିଛି ଘର ଭଡାଦେଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସେମାନେ ଘର ଛାଡୁ ନ ଥିଲେ। ଶନିବାର ଆର୍‌ଏମ୍‌ସି ପକ୍ଷରୁ ଶକ୍ତିନଗର, କୋଏଲନଗର, ସେକ୍ଟର ଅଞ୍ଚଳ, ଉଦିତନଗର ସମେତ ଅନ୍ୟ ସ୍ଥାନରେ ଥିବା ପ୍ରାୟ ୩୯ଟି ଘରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏ ନେଇ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ ଟିପିଡବ୍ଲ୍ୟୁଓଡିଏଲ୍



କର୍ତ୍ତୃପକ୍ଷ ଓ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରିଥିଲେ। ଶନିବାର ମଧ୍ୟାହ୍ନରେ ଆର୍‌ଏମ୍‌ସି ସହାୟକ କମିଶନର ଅଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ବିଦ୍ୟୁତ୍ କାଟ କରିଥିଲେ। ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ବିଦ୍ୟୁତ୍ କାଟ୍ କରାଯାଇଥିଲା।

## ମା' ଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା



ମା' ଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରାରେ ମହିଳା ଓ ପିଲାମାନେ ସାମିଲ ହୋଇଛନ୍ତି।

**ରାଉରକେଲା,୨୬।୧୦(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ମାଲଗୋଦାମ ମହେନ୍ଦ୍ର ଛକ ଲକ୍ଷ୍ମୀ ପୂଜା କମିଟି ତରଫରୁ ମା' ଲକ୍ଷ୍ମୀଙ୍କ ବିସର୍ଜନ ଶୋଭାଯାତ୍ରା ଶୁକ୍ରବାର ପାଳିତ ହୋଇଯାଇଛି। ପୂଜା କମିଟି ତରଫରୁ ଦୀର୍ଘ ୨୪ବର୍ଷ ହେଲା ପଡିଦାତ୍ରୀ ମା' ଲକ୍ଷ୍ମୀଙ୍କ ପୂଜନୋତ୍ସବ ପାଳିତ ହୋଇଆସୁଛି। ଏହି ଅବସରରେ ସନ୍ଧ୍ୟାରେ ମା'ଙ୍କ ମୂର୍ତ୍ତି ଭସାଣୀ ଯାତ୍ରା ଆୟୋଜନ ହୋଇଥିଲା। ବିବିଧ ବାଦ୍ୟ ସହ ରାମ, ଲକ୍ଷ୍ମଣ ଓ ସୀତା ବେଶରେ କଳାକାରମାନେ ଶୋଭାଯାତ୍ରାରେ ବାହାରି ବାଲୁଘାଟ ସ୍ଥିତ ବିସର୍ଜନ ଘାଟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଲକ୍ଷ୍ମୀପୂଜା କମିଟି ସଭାପତି ଶିବ ପ୍ରସାଦ, ସଚିନ ସୂରଜ ରାଠୋର, କୋଷାଧ୍ୟକ୍ଷ ସରୋଜ ପଣ୍ଡିତ ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ମହିଳା ଓ ପିଲାମାନେ ମଧ ଅଂଶଗ୍ରହଣ କରି ମା'ଙ୍କୁ ମେଲାଣି ଦେଇଥିଲେ।

# କରୱାଚୌଥ୍ କାର୍ଯ୍ୟକ୍ରମରେ ପ୍ରତିଭା ଦେଖାଇଲେ ମହିଳା



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳା ।

**ରାଉରକେଲା,୨୬।୧୦(ଦିନେଶ ମିଶ୍ର)**

ଝିରପାଣି ସ୍ଥିତ ସାଇନିଂ କ୍ଲବରେ ହାପି ମୁମେଣ୍ଟ୍ସ ପକ୍ଷରୁ ୧୨୧ ତମ ହାପିନେସ୍ ସେୟାରିଂ କାର୍ଯ୍ୟକ୍ରମ ପାଳନ ଅବସରରେ ଶୁକ୍ରବାର କରୱାଚୌଥ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳାମାନେ ଯୋଗଦେଇ ସେମାନଙ୍କ ଭିତରେ ଥିବା ଲୁକାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ମହିଳାମାନେ ନୃତ୍ୟ, ସଙ୍ଗୀତ, ମଡେଲିଂ ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାହୁଲ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜସେବୀ ସାଗର ମହାନ୍ତି, କୁଞ୍ଜ ବିହାରୀ ରାଉତ, ସୁଶାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ବିଚାରକ ଭାବେ କଲ୍ୟାଣୀ ଦାସ, ସସ୍ମିତା ପ୍ରଧାନ, ସାଗର ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଗୌରୀ କୁମ୍ଭାର, ସୁମତି ନାୟକ, ଦୀପା କଂସାରୀ, ଅନିତା ପ୍ରସାଦ, ଚନ୍ଦା ଶର୍ମା, ଭାରତୀ ପତି, ଅଞ୍ଜଳି ସାହୁ, ସୀତା ସିଂହ, ସନ୍ନ୍ୟାସୀ ଟୋପୋ, ସୁମତୀ ବଡାଇକ, ପ୍ରତିମା ମଞ୍ଜରୀ ହାଲଦାର ପ୍ରମୁଖଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ତ୍ତିକ ରାଉତ, ରଞ୍ଜନ ସାହୁ, ଦିବାକର ଦାସ, ରତିଲାଲ କୁମ୍ଭାର, ମାନସୀ ଘୋଷ ପ୍ରମୁଖ ସହଯୋଗ କରିଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୨୬।୧୦(ଦିନେଶ ମିଶ୍ର)**

ଉଦିତନଗର ଥାନା ଅନ୍ତର୍ଗତ ଇନକମ୍ ଟ୍ୟାକ୍ସ କଲୋନି ଅଞ୍ଚଳରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତା ଯୁବତୀ ହେଲେ ଅଞ୍ଜୁ ଭଇଁଶା(୨୩)। ଏ ନେଇ ଉଦିତନଗର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୪/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ମୃତ୍ୟୁର କାରଣ ଜଣାପଡିନାହିଁ। ସୂଚନା ଅନୁସାରେ, ଉଦିତନଗର ସ୍ଥିତ ଇନକମ୍ ଟ୍ୟାକ୍ସ କଲୋନିର ଅଞ୍ଜୁ ଶୁକ୍ରବାର ରାତିରେ ଖାଇସାରି ନିଜ ରୁମ୍‌କୁ ଶୋଇବାକୁ ଯାଇଥିଲେ। ପରଦିନ ଅର୍ଥାତ୍ ଶନିବାର ସକାଳେ ଘର ପଙ୍ଖାରେ ବେକରେ ଚୂନି ବାନ୍ଧି ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଞ୍ଜୁଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଞ୍ଜୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

## ଡିସୌଜା ସ୍କୁଲର ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସ୍କୁଲର କର୍ମକର୍ତ୍ତା।

**ରାଉରକେଲା,୨୬।୧୦(ଦିନେଶ ମିଶ୍ର)**

ସେକ୍ଟର-୨ ସ୍ଥିତ ଡିସୌଜା ସ୍କୁଲର ପ୍ରତିଷ୍ଠାତା ଜନ୍ ଡିସୌଜା ଓ ଆନି ଡିସୌଜାଙ୍କୁ ଶନିବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ସ୍କୁଲର ନିର୍ଦ୍ଦେଶକ ଆଲେକଜାଣ୍ଡାର ଡିସୌଜା ଓ ସହ ନିର୍ଦ୍ଦେଶିକା ଆନାବେଲା ଡିସୌଜାଙ୍କ ସମେତ ବିଦ୍ୟାଳୟର ପରିଚାଳକ ସିଦ୍ଧାର୍ଥ ରଥ, ଅଧ୍ୟକ୍ଷା ଜୟୋତି ଗୁରୁଓ୍ୱାରା, ଜିତା ନାୟକ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଷ୍ଠାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଲିପ୍ସା ତନ୍ତୀ ଓ ବିଦ୍ୟା ଟିଉ ମନ୍ତ୍ର ଗାନ କରିଥିଲେ। ଛାତ୍ର ରେହାନା ଓ ଆୟୁଷଙ୍କ ବାଦ୍ୟଯନ୍ତ୍ର ତାଳେ ତାଳେ ଛାତ୍ର ଆର୍ଯ୍ୟନ ଝାଙ୍କ ସଙ୍ଗୀତ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ପରେ ସ୍କୁଲରେ ଆୟୋଜିତ ହୋଇଥିବା ଫୁଟ୍‌ବଲ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ କବିତା ଗାନ ସହ ବକ୍ତବ୍ୟ ଦେଇଥିଲେ। ଶିକ୍ଷୟିତ୍ରୀ ମୋମିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲ କର୍ମକର୍ତ୍ତା ସହଯୋଗ କରିଥିଲେ।

# ୪ ବାଣ ବିକ୍ରି କେନ୍ଦ୍ର ପାଇଁ ଲଟେରି ଉଠିଲା

- **ପାୱାର ହାଉସ ଲଟେରି ଉଠାଣ ସ୍ଥଗିତ**
- **ସେକ୍ଟର-୧୩ ପାଇଁ ପଦକ୍ଷେପ ନେବ ଆର୍‌ଏସ୍‌ପି**

**ରାଉରକେଲା,୨୬।୧୦(ବିପ୍ଲବ ରଞ୍ଜନ ଦାଶ)**

ଦୀପାବଳି ଉପଲକ୍ଷେ ରାଉରକେଲା ସହରରେ ବାଣଦୋକାନ ଖୋଲିବା ପାଇଁ ଶନିବାର ଲଟେରି ଉଠାଣ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପାନପୋଷ ଆଇଟିଡିଏ ସମ୍ମିଳନୀ କକ୍ଷରେ ଏହି ଲଟେରି ଉଠାଣ କରାଯାଇଥିଲା। ରାଉରକେଲା ଅତିରିକ୍ତ



ଲଟେରି ଉଠାଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଉପଜିଲାପାଳ ସରୋଜ କୁମାର ମିଶ୍ର, ଉଦିନ ନଗର ଆଇଆଇସି ନିରଞ୍ଜନ ସେଠୀ, ରାଉରକେଲା ତହସିଲର ଅଶୋକ କୁମାରଙ୍କ ଉପସ୍ଥିତିରେ ଲଟେରୀ ଉଠାଣ କରାଯାଇଥିଲା। ଚଳିତ ବର୍ଷ ସହରାଞ୍ଚଳରେ ୫ଟି ଓ ଶିଳ୍ପାଞ୍ଚଳରେ ଗୋଟିଏ ବାଣ ବିକ୍ରି କେନ୍ଦ୍ର କରାଯିବାକୁ ନିର୍ଦ୍ଧାରିତ ହୋଇଥିଲା। ତେବେ ସହରାଞ୍ଚଳ ୫ଟି ବାଣ ବିକ୍ରି କେନ୍ଦ୍ର ମଧ୍ୟରୁ ଫର୍ଟିଲାଇଜର, ବନ୍ଧମୁଣ୍ଡା, ପ୍ଲାଣ୍ଟ ସାଇଡ ଏବଂ ପାନପୋଷ ଆଦି ୪ଟି ଅଞ୍ଚଳରେ ବାଣବିକ୍ରି କେନ୍ଦ୍ର ପାଇଁ ଲଟେରି ଉଠାଣ ହୋଇଥିଲା। ଏହିସବୁ ଅଞ୍ଚଳର ଦୋକାନୀଙ୍କୁ ରବିବାରଠାରୁ ବାଣ ଦୋକାନ ଖୋଲିବା ପାଇଁ ଅନୁମୋଦନ ମିଳିଛି। ଅନ୍ୟପକ୍ଷେ ପ୍ରଶାସନର ନୀତିନିୟମ ପାଳନ କରାଯାଉ ନ ଥିବା ଅଭିଯୋଗରେ ପାୱାର ହାଉସ ଅଞ୍ଚଳରେ ବାଣ ଦୋକାନ ପାଇଁ ଲଟେରି ଉଠାଣ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷେ ସେକ୍ଟର-୧୩ ଅଞ୍ଚଳରେ ବାଣ ବିକ୍ରି କେନ୍ଦ୍ର ସ୍ଥାପନ ପାଇଁ ଆର୍‌ଏସ୍‌ପି ପଦକ୍ଷେପ ନେବ ବୋଲି କୁହାଯାଇଛି।

# ରାଉରକେଲାରେ ମିଳିତ ମଞ୍ଚର ବୈଠକ

**ରାଉରକେଲା,୨୬।୧୦(ସଙ୍ଗୀତା ଜେନା)**

୩୯ ମାସର ଏରିୟର, ବୋନସ ଫର୍ମୁଲା ପରିବର୍ତ୍ତନ, ଗ୍ରାଚ୍ୟୁଇଟି ସିଲିଂ ଉଚ୍ଛେଦ, ଠିକା ଶ୍ରମିକଙ୍କ ମଜୁରୀ ଚୁକ୍ତିନାମା ସମେତ ୧୮ ଦଫା ଦାବି ନେଇ ସେଲ୍‌ର ସମସ୍ତ କେନ୍ଦ୍ରୀୟ ଓ ସ୍ଥାନୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଆସନ୍ତା ୨୮ରୁ ୨୯ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିଲା। ତେବେ ଏହା ପୂର୍ବରୁ ଶୁକ୍ରବାର ଦିଲ୍ଲୀ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ସେଲ୍ କର୍ତ୍ତୃପକ୍ଷ ଏବଂ ଶ୍ରମିକ ସଙ୍ଗଠନ ଗୁଡିକ ମଧ୍ୟରେ କରାଯାଇଥିବା ଆଲୋଚନା ବିଫଳ ହୋଇଛି। ଏ ନେଇ ଶନିବାର ସନ୍ଧ୍ୟାରେ ରାଉରକେଲାର ସ୍ଥାନୀୟ ସଙ୍ଗଠନଗୁଡ଼ିକୁ ନେଇ ସେକ୍ଟର-୧୬ ଶ୍ରମିକ ଭବନରେ ମିଳିତ ମଞ୍ଚର ଏକ ବୈଠକ ଅନୁଷ୍ଠିତ



ଶ୍ରମିକ ଭବନରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଶ୍ରମିକ ନେତା।

**ଧର୍ମଘଟ ନେଇ ଆଲୋଚନା ବିଫଳ**

ହୋଇଥିଲା। ଏଥିରେ ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ରାଉରକେଲା ଶ୍ରମିକ ନେତା ନିହାର ଦାସ, ବୀରକିଶୋର ଶେଖରଦେଓ, ସତ୍ୟ ସାହୁ, ସୁରେନ୍ଦ୍ର କଂସାରୀ, ଯୋଗେନ୍ଦ୍ର ମହାନ୍ତ, ଶଶଧର ନାୟକ, କଳାକାର ସାହୁ, ବିମାନ ମାଇତି, ବସନ୍ତ ନାୟକ, ଗୋପାଳ ଦାସ, ରମେଶ ସେଠୀ, କୈଳାସ ନାୟକ, ରମେଶ ସାହୁ, ସିଅରର ହେମନ୍ତ ବେହୁରା, ଅଜିତ ନାୟକ, ସନ୍ତୋଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀରେ ଆଲୋଚନା ବିଫଳ ହୋଇଥିଲେ ମଧ ରାଉରକେଲାରେ ଏହି ଧର୍ମଘଟକୁ ସଫଳ କରିବାକୁ ନେତୃମଣ୍ଡଳୀ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଓଡ଼ିଆ ଜାତି, ଭାଷାର ସ୍ୱାଭିମାନ ଥିଲେ ଗୋଦାବରୀଶ

**ରାଉରକେଲା,୨୬।୧୦(ଦିନେଶ ମିଶ୍ର)**

ଗାଥାକବି ତଥା ବକୁଳ ବନର କବି ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ସମାରୋହ ଶନିବାର ପାଳିତ ହୋଇଯାଇଛି। ଓଡିଆ ଭାଷା ବିକାଶ ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସମୁନ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଦାବରୀଶ ଓଡ଼ିଆ ଜାତି ଓ ଭାଷାର ସ୍ୱାଭିମାନ ଥିଲେ ବୋଲି କହିଥିଲେ। ସେ ଜଣେ ଆଦର୍ଶ ଗୁରୁ, ଶିକ୍ଷାବିତ୍, ଜନସେବୀ, ପ୍ରବୀଣ ରାଜନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଆ ଭାଷା ସାଧକ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଭଜକୃଷ୍ଣ ସାରସ୍ୱତ ସ୍ମୃତି ସଂସଦ, ହମିରପୁର ଉନ୍ନୟନ ପରିଷଦ, ସେକ୍ଟର-୧୫ ସ୍ଥିତ ଗଜଲକ୍ଷ୍ମୀ ମାର୍କେଟ କମିଟି କର୍ମକର୍ତ୍ତାମାନେ ଯୋଗଦେଇ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ

**ଜୟନ୍ତୀ ପାଳନ ଉତ୍ସବରେ ମତପ୍ରକାଶ**

ପ୍ରଫୁଲ୍ଲ ସାମଲ, ପଞ୍ଚାନନ ପାତ୍ର, କୁଞ୍ଜବିହାରୀ ରାଉତ, ମହେନ୍ଦ୍ର ମିଶ୍ର, ହେମନ୍ତ କୁମାର ବିଶ୍ୱାଳ, ସୁଶାନ୍ତ କୁମାର ନାୟକ, ଗୌତମ ଦାସ, ବ୍ରହ୍ମାନନ୍ଦ ନାୟକ, ରିଙ୍କୁ ସୁବୁଦ୍ଧି, ପ୍ରଦୀପ ପଟ୍ଟନାୟକ, ବିପିନ ମହାରଣା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସୁଶାନ୍ତ ପ୍ରଧାନ, ଦେବେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆବାହକ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ଗୋଦାବରୀଶଙ୍କ ଜୀବନାଦର୍ଶ ଓ ରଚନାବଳୀ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଚନ୍ଦ୍ରଶେଖର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପାଇପ୍ ଜଳ କର୍ମଚାରୀ ସଂଘ ଜୋନସ୍ତରୀୟ ବୈଠକ

ସମ୍ବଲପୁର,୨୬।୧୦(ବି.ଶଙ୍କର)

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ସମ୍ବଲପୁର ଜୋନସ୍ତରୀୟ କର୍ମକର୍ତ୍ତାଙ୍କର ବୈଠକ ଶନିବାର ମୁଦିପଡା ପାଣିଟାଙ୍କିସ୍ଥିତ ଜୀବନ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ ସଭାପତି ଡମ୍ବରୁଧର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ୱାଟକୋ ଡିଭିଜନ, ପିଏଚ୍ ଡିଭିଜନ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସିଏଲ୍ଆର୍ଡିଏଲଆର୍ କର୍ମଚାରୀଙ୍କ ସମସ୍ୟା, କର୍ମଚାରୀଙ୍କ ସର୍ବନିମ୍ନ ମଜୁରି, ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ ଦରମା ପଇଠ କରିବା ବିଷୟରେ ଆଲୋଚନା କରାଯାଇଥିଲା। ପିଏଚ୍ଡିଭିଜନ ମଧ୍ୟ ସର୍ବନିମ୍ନ ମଜୁରି ପ୍ରଦାନ କରି ଦରମା ତାରତମ୍ୟ ଦୂର କରିବାକୁ ସଭାରେ ମତ ପ୍ରକାଶ ପାଇଛି। ସଭାରେ ସଂଘ ରାଜ୍ୟ ଯୁଗ୍ମ ସମ୍ପାଦକ ମନୋଜ ଦାସ, ରାଜ୍ୟ ଉପସଭାପତି ରାଜେନ୍ଦ୍ର ପାଣ୍ଡେ, ରାଜ୍ୟ ସଙ୍ଗଠନ ସଭାପତି ସୀମାଞ୍ଚଳ ପଣ୍ଡା, ଜୋନାଲ ସମ୍ପାଦକ ସୁଶାନ୍ତ କୁମାରପଣ୍ଡା, ଉପଦେଷ୍ଟା ଶେଷଦେ କାଣ୍ଡ, ଖଣ୍ଡ ସମ୍ପାଦକ ୱାଟକୋ ପିଏଚ ସଞ୍ଜୟ ପଟେଲ, ସମ୍ପାଦକ ଗଣେଷ ପଟ୍ଟନାୟକ, ଦୁର୍ଲ୍ଲଭ ମଟାରି, ମଧୁ ସୁଧନ ମିଠେଇଲାଲ ଦଫେ ବାଗଙ୍କ ସମେତ ବିଭିନ୍ନ ଶାଖା ସମ୍ପାଦକ ଯୋଗଦାନ କରିଥିଲେ। ସଭାପତି ଫକିରା ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ ପିଏଚ୍ ଉପଖଣ୍ଡ ଅଧିକାରୀଙ୍କ ସଂଘ ବିରୋଧି ନୀତିକୁ ନିନ୍ଦା କରିବା ସହ ଆଗାମୀ ଦିନରେ ବରଗଡ ପିଏଚ ଉପଖଣ୍ଡ କାର୍ଯ୍ୟାଳୟକୁ ଘେରାଉ କରିବା, ଗଣଧାରଣା ସହ ଆନ୍ଦୋଳନ ଯୋରଦାର କରିବାକୁ ସଭାରେ ପ୍ରସ୍ତାବ ନିଆଯାଇଛି।

### ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି

କୁଚିଣ୍ଡା,୨୬।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଚୁରାବୁଆଁ ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜୟନ୍ତୀ ଉତ୍ସବକୁ ଆଡମ୍ବର ସହକାରେ ପାଳନ କରିବାକୁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ପ୍ରତାପ ଶେଖର ପୁରୋହିତ ସଭାପତି, ଅରୁଣ କୁମାର ପଟେଲ ଉପସଭାପତି, ପ୍ରବୀଣ କୁମାର ପଟେଲ ସମ୍ପାଦକ, ଲକ୍ଷ୍ମୀ ନାରାୟଣ ନାଏକ ଓ ସୁକାନ୍ତ କୁମାର ନାୟକ ସହ ସମ୍ପାଦକ, ଦେବାନନ୍ଦ ମହାପାତ୍ର କୋଷାଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, କୁଚୁରାବୁଆଁ ନୋଡାଲ ହାଇସ୍କୁଲ ପରିଚାଳନା କମିଟି ସଭାପତି ସନାତନ ଖାଡିଆ, ନୀଳାଞ୍ଚଳ ମହାପାତ୍ର ଓ କୁଚୁରାବୁଆଁ ନୋଡାଲ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ବୈଠକରେ ଆସନ୍ତା ଡିସେମ୍ବର ମାସରେ ଏହି ଜୟନ୍ତୀ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ମଦ ବିରୋଧରେ ତାତିଲେ ମହିଳା

## ଗାଁ ପଡିଆରେ ଢାଳିଲେ ଭାଟିମଦ

ଜମନକିରା,୨୬।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)

ନିଶା ନିବାରଣ ପାଇଁ ଗାଁ ନିଷ୍ପତ୍ତିକୁ ଅମାନ୍ୟ କରି ମଦ ବିକ୍ରି କରୁଥିଲେ। ବାରଣ କଲେ ବି ଶୁଣିଲେ ନାହିଁ। ଶେଷରେ ମଦ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇ ରାସ୍ତାକୁ ଓହ୍ଲାଇଛନ୍ତି ସମ୍ବଲପୁର ଜିଲା ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ମଧ୍ୟମ ବାଦିବାହାଲରେ ଶହଶହ ଆଦିବାସୀ ମହିଳାପୁରୁଷ। ଶନିବାର ବେଆଇନଭାବେ ମଦ ବିକ୍ରି କରୁଥିବା ଭାଟିରୁ ମଦ ଆଣି ସ୍ଥାନୀୟ ପଡ଼ିଆରେ ସେମାନେ ଢ଼ାଳି ଦେଇ ମଦ ବିରୋଧୀ ଅଭିଯାନ ନେଇ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ।

ଶନିବାର ସକାଳେ ମଧ୍ୟମ ବାଦିବାହାଲ ଗ୍ରାମର ବହୁ ସଂଖ୍ୟାରେ ଆଦିବାସୀ ବର୍ଗର ମହିଳାପୁରୁଷ ଏକ ବୈଠକ କରିଥିଲେ। ବୈଠକରେ ସେମାନେ କହିଥିଲେ ଯେ, ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ନିଶା ନିବାରଣ ନାରା ଦେଇ ସେମାନେ ଗ୍ରାମ ପରିକ୍ରମା କରିଥିଲେ। ଲୋକଙ୍କୁ ମଦରୁ ଦୂରେଇ ରହିବା ପାଇଁ ଏହି ଅବସରରେ ସଚେତନ କରାଯାଇଥିଲା। ଯେଉଁ ବ୍ୟକ୍ତି କିମ୍ବା ପରିବାର ମଦ କିମ୍ବା ଅନ୍ୟ କୌଣସି ନିଶା ସାମଗ୍ରୀ ବିକ୍ରି କରିବ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏହାକୁ ଅମାନ୍ୟ କରି ମଧ୍ୟମ ବାଦିବାହାଲ ତେଲିପଡ଼ାର କେତେଜଣ ଯୁବକ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମଦଭାଟି କରି ବିକ୍ରି କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ଏକଥା ପ୍ରଚାର ଜଣାପଡିବା ପରେ ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶନିବାର ସକାଳେ ଗ୍ରାମର ବହୁ ସଂଖ୍ୟାରେ ମହିଳାପୁରୁଷ ଗ୍ରାମ ପଡିଆରେ ଏକ ବୈଠକ କରି ମଦ ବିରୋଧରେ ଲଢେଇ ଜାରି ରହିବ ବୋଲି ନିଷ୍ପତ୍ତି ନେଇଥିଲେ। ପରେ ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ମଦଭାଟିକୁ ଘେରାଉ କରିଥିଲେ। ଭାଟିରେ ମଦ ଭର୍ତ୍ତି ବାଲ୍ଟି ଓ ଜାର ଜବତ କରି ସର୍ବସମ୍ମୁଖରେ ପଡିଆରେ ଆଣି ଢାଳି ଦେଇଥିଲେ। ନିଶା ନିବାରଣ ଦିଗରେ କାର୍ଯ୍ୟ କଲେ ମହାତ୍ମା ଗାନ୍ଧୀଙ୍କ ସପ୍ନ ସାକାର ହୋଇ ପାରିବ ବୋଲି ଗ୍ରାମର ସମାଜସେବୀ ଭୁବନେଶର ଦିବେଦୀ ବୈଠକରେ କହିଥିଲେ।


ମହିଳାମାନେ ଭାଟିରୁ ଆଣିଥିବା ମଦକୁ ପଡ଼ିଆରେ ଢାଳୁଛନ୍ତି।

# ବିଜ୍ଞାନ ମେଳା, କୁଇଜ୍ ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

ସମ୍ବଲପୁର,୨୬।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ଏକ ବିଜ୍ଞାନ ମେଳା ସହ କୁଇଜ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସମ୍ବଲପୁର ଶିକ୍ଷାମଣ୍ଡଳାଧୀଶ ଗିରିଧାରୀ ହୋତା ଯୋଗଦେଇ ପ୍ରଗତିଶୀଳ ସମାଜ ତଥା ରାଷ୍ଟ୍ର ପାଇଁ ବିଜ୍ଞାନର ଅବଦାନ, ପ୍ରତ୍ୟେକଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦିତ କୁମାର ପାଟଯୋଷୀ ଓ ବିନାୟକ ମହାପାତ୍ର ବିଚାରକଭାବେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ତିନୋଟି ଲେଖାଏ ଶ୍ରେଷ୍ଠ ପ୍ରକଳ୍ପ ଚୟନ କରିଥିଲେ। ସେହିପରି ଆଲୋଚନାଚକ୍ରରେ ଛାତ୍ରୀଛାତ୍ରମାନଙ୍କୁ ଧାରଣୀୟ ବିକାଶ କ୍ଷେତ୍ରରେ ବିଜ୍ଞାନର ଅବଦାନ ଓ ଆବଶ୍ୟକତା ସମ୍ପର୍କରେ ବୁଝେଇଥିଲେ। ପୂର୍ବତନ ଛାତ୍ର ତଥା ସରକାରୀ ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଦାଶ ବିଜ୍ଞାନ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କ ସହିତ ମୁଖ୍ୟ ଅତିଥି ଗିରିଧାରୀ ହୋତା, ଅନ୍ୟତମ ଅତିଥି ପୁରାତନ ଛାତ୍ର ସଂସଦ ସଭାପତି ସୁରଜିତ ମିଶ୍ର, ପୁରାତନ ଛାତ୍ର ସଂସଦ ସମ୍ପାଦକ ଇଂ. ପ୍ରଦୀପ୍ତ କୁମାର ନାଥ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଜ୍ଞାନ ଶିକ୍ଷକ ଦିଲୀପ କୁମାର ପ୍ରଧାନ, କୁଳମଣି ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ସମବାୟ ସମିତି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦିଅ


ବୈଠକରେ ଉପସ୍ଥିତ ସମବାୟ ସମିତି କର୍ମଚାରୀ ସଂଘ ସଦସ୍ୟ।

## ପଶ୍ଚିମ ଓଡ଼ିଶା ପ୍ରାଥମିକ ଏବଂ ବହୁମୁଖୀ ସମବାୟ ସମିତି କର୍ମଚାରୀ ସଂଘ ବୈଠକ

ସମ୍ବଲପୁର,୨୬।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କୁମ୍ଭାରପଡା ଲାୟନ୍ସ କ୍ଲବରେ ଶନିବାର ପଶ୍ଚିମ ଓଡ଼ିଶା ପ୍ରାଥମିକ ଏବଂ ବହୁମୁଖୀ ସମବାୟ ସମିତି କର୍ମଚାରୀ ସଂଘ କାର୍ଯ୍ୟକାରୀ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିର ପୂର୍ବତନ ବିଧାୟକ ତଥା ସଂଘ ସଭାପତି ନାଉରି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମବାୟ ସମିତି କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସମବାୟ ସମିତି କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ସମବାୟ କର୍ମଚାରୀମାନେ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ଦିନରାତି ପରିଶ୍ରମ କରୁଥିବାରୁ କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ଦେବାକୁ ଦାବି କରାଯାଇଥିଲା। ରାଜ୍ୟରେ ସରକାରୀ କର୍ମଚାରୀମାନଙ୍କୁ ମିଳୁଥିବା ଗ୍ରାଚ୍ୟୁଟି, ଅବ୍ୟବହୃତ ଛୁଟି, ଇପିଏଫ୍ ବୀମା ଆଦି ସୁବିଧା ସୁଯୋଗ ପ୍ରଦାନ କରିବାକୁ ବୈଠକରେ ଦାବି କରାଯାଇଥିଲ। ୨୦୧୧ ଏଚଆର ପଲିସି ଅନୁସାରେ ସମତିର କର୍ମଚାରୀମାନଙ୍କୁ ବ୍ୟାଙ୍କ ଏବଂ ସମବାୟ ନିରୀକ୍ଷକ ଭାବରେ ପଦୋନ୍ନତି ଦେବାକୁ ବୈଠକରେ ଦାବି କରାଯାଇଥିଲା। ସେହିପରି ଧାନକ୍ରୟ ସମୟରେ ଧାନର ମାନ ନିର୍ଦ୍ଧାରଣ ପାଇଁ ଆରଏମସିକୁ ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବାକୁ ଦାବି କରାଯାଇଥିଲା। ଏହା ସହ ଠିକ ସମୟରେ ଧାନର କ୍ରୟ ବାବଦକୁ ସମବାୟ ସମିତିଗୁଡିକୁ ଠିକ୍ ସମୟରେ କମିଶନ ପ୍ରଦାନ କରାଯିବାକୁ ବୈଠକରେ ରାଜ୍ୟ ସରକାରଙ୍କ ଦାବି କରାଯାଇଥିଲା। ଏହି ବୈଠକରେ ସଂଘ କାର୍ଯ୍ୟକାରୀ ସଭାପତି ମୋହନ ସାହୁ, ସମ୍ପାଦକ ନୀତେଶ କୁମାର ସାହୁ, ସହ ସମ୍ପାଦକ ସନ୍ଦୀପ କୁମାର ନାୟକ, ଉପସଭାପତି ନିରଞ୍ଜନ ବାଘ, ସୁଧାନିଧି ମୋଟାରି, ଅଜୟ ପଟେଲ, ଜିତେନ୍ଦ୍ର ଭୋଇ, ହେମନ୍ତ କୁମାର ନାୟକ, ମନୋଜ ସିଂହାନିଆ କାର୍ଯ୍ୟକାରୀ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ନାକଟିଦେଉଳ,୨୬।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶନିବାର 'ଆମେ ଭାରତୀୟ ମାନେ ସ୍ୱାଧୀନ କି" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ସେମିନାର ଆୟୋଜିତ ହୋଇଥିଲା। ଭାରତୀୟ ନାଗରିକମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତାର ପୃଷ୍ଠଭୂମି ତଥା ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ସେମିନାରରେ ଆଲୋଚନା ହୋଇଥିଲା। ସୁଦେଶ ଖାଲକୋ, ପଦ୍ମିନୀ ସାହୁ, ପଙ୍କଜିନୀ ବେହେରା, କରିସ୍ମା ନାୟକ ଓ ରୋହନ ସାହୁ ପ୍ରମୁଖ ଛାତ୍ରୀଛାତ୍ର ନିଜ ପ୍ରବନ୍ଧ ଉପସ୍ଥାପନା କରି ଭାରତୀୟମାନଙ୍କର ବିଭିନ ସ୍ୱାଧୀନତାର ସମସ୍ୟା ବିଶ୍ଳେଷଣ କରିଥିଲେ। ଭାରତୀୟ ନାଗରିକମାନେ ପୂର୍ଣ୍ଣମାତ୍ରାରେ ରାଜନୈତିକ ଓ ସାମାଜିକ ଅଧିକାର କରୁଥିବାବେଳେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅର୍ଥନୈତିକ ଅଧିକାରକୁ ସଙ୍କୁଚିତ କରାଯାଉଛି ବୋଲି ମତପ୍ରକାଶ ପାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ ଉପସ୍ଥାପିତ ପ୍ରବନ୍ଧଗୁଡିକର ସମୀକ୍ଷା କରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ ଭାରତୀୟ ମାନଙ୍କର ଅର୍ଥନୈତିକ ଅଧିକାର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ପପି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା


ଅତିଥିମାନେ ପ୍ରକଳ୍ପଗୁଡିକୁ ବୁଲି ଦେଖୁଛନ୍ତି।

ନାକଟିଦେଉଳ,୨୬।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ୫୨ଟି ଏବଂ କନିଷ୍ଠ ବିଭାଗରେ ୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିରିଷ୍ଠ ବିଭାଗରେ ୯ମ ଶ୍ରେଣୀ ଛାତ୍ରୀ ମଧୁମିତା ସାହୁ ପ୍ରଥମ, ୧୦ମ ଶ୍ରେଣୀ ଛାତ୍ର ଉମାଶଙ୍କର ବସନ୍ତରା ଦ୍ୱିତୀୟ ଏବଂ ୧୦ମ ଶ୍ରେଣୀ ଛାତ୍ର ପ୍ରଭଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ୮ମ ଶ୍ରେଣୀ ଛାତ୍ର ଲକ୍ଷ୍ମୀକାନ୍ତ ସାହୁ ପ୍ରଥମ, ୭ମ ଶ୍ରେଣୀ ଛାତ୍ରୀ କ୍ଷୀରୋଦମୟୀ ସ୍ୱାଇଁ ଦ୍ୱିତୀୟ ଏବଂ ୭ମ ଶ୍ରେଣୀ ଛାତ୍ରୀ ମୋନାଲିସା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। କୁଣ୍ଡାମୁରା ସାଲେଇଡିପ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ଗୋଲାପ ମାଝୀ ଏବଂ ସାହେବୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ନୃସିଂହ ସାହୁ ବିଚାରକଭାବେ ଯୋଗଦେଇ ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୀରାଲାଲ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ବେହେରା ମୁଖ୍ୟ ଅତିଥି, ସାଲେଇଡିପ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗୋଲାପ ମାଝୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ମନୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଅମ୍ରିତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ବିଭାଗର ସଚେତନତା କାର୍ଯ୍ୟକ୍ରମ

ନାକଟିଦେଉଳ,୨୬।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର କିସିଣ୍ଡା ଏବଂ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ସହ ଚକଡ଼ା ରୋଗ ଦେଖାଦେଇଛି। ଏହାକୁ ନେଇ ଚାଷୀମାନେ ଚନ୍ତିତ ହୋଇ ପଡିଛନ୍ତି। ଏହାର ସମାଧାନ ସହ ଚାଷୀଙ୍କୁ ଚକଡ଼ା ରୋଗ କ୍ଷୟକ୍ଷତି ଜନିତ ସହାୟତା ରାଶି ଯୋଗାଇ ଦେବାକୁ ଅଞ୍ଚଳର ଚାଷୀମାନେ ଦାବି କରି ଗତ ୨୧ତାରିଖ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଶୁଣାଣୀ ଶିବିରରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କିସିଣ୍ଡା ପଞ୍ଚାୟତର କୃଷି ପରିଦର୍ଶିକା ମଞ୍ଜୁବାଳା ବେହେରା କିସିଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଧାନକ୍ଷେତରେ ଚକଡ଼ା ରୋଗ ନିରାକରଣ ନେଇ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ବିଭିନ୍ନ ଗ୍ରାମରେ ଚକଡ଼ା ରୋଗରୁ ରକ୍ଷା ପାଇବା ପାଇଁ ଔଷଧ ପ୍ରୟୋଗ ଓ କୌଶଳ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେଣୁ ସରକାରୀସ୍ତରରେ ଚାଷୀମାନଙ୍କୁ ସାହାଯ୍ୟ, ସହଯୋଗ ଯୋଗାଇ ଦେବାକୁ ଚାଷୀମାନେ ଜିଲା କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


ଚାଷୀମାନଙ୍କ ସହ କୃଷି ପରିଦର୍ଶିକା।

# ବ୍ୟବସାୟରେ କେହି ଶତ୍ରୁ ନୁହନ୍ତି

## ଆଇଆଇଏମ ସମ୍ବଲପୁରର ବାର୍ଷିକ ବିଜନେସ କନକ୍ଲେଭ ମାର୍ମାଜ୍ଞା ୯.୦

ସମ୍ବଲପୁର,୨୬।୧୦(ବି.ଶଙ୍କର)



ବାର୍ଷିକ ବିଜନେସ କନକ୍ଲେଭ ମାର୍ମାଜ୍ଞା ୯.୦ କାର୍ଯ୍ୟକ୍ରମରେ ଅତିଥି, ବକ୍ତା ଓ କର୍ମକର୍ତ୍ତା।

ଆଇଆଇଏମ ସମ୍ବଲପୁରସ୍ଥିତ କୋଣାର୍କ ପ୍ରେକ୍ଷାଳୟରେ ବାର୍ଷିକ ବିଜନେସ କନକ୍ଲେଭ ମାର୍ମାଜ୍ଞା ୯.୦ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସୱାଲ ରଣନୈତିକ ମେଣ୍ଟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ବ୍ୟବସାୟରେ କେହି ଶତ୍ରୁ ନୁହନ୍ତି। ବିଶ୍ୱର ବଡ଼ ବଡ଼ କମ୍ପାନୀମାନେ ପରସ୍ପର ସହ ସହଯୋଗିତା କରିଛନ୍ତି। ବିଜନେସ ଏକ୍ସଲେନ୍ସ ପାଇଁ ଷ୍ଟ୍ରାଟେଜିକ ପାର୍ଟନେରଶିପ ହେଉଛି ଚଳିତବର୍ଷର ମାର୍ମାଜ୍ଞାର ବିଷୟ ବସ୍ତୁ। ଯାହା ଅର୍ଥନୈତିକ ଅଭିବୃଦ୍ଧିର ସାର ଏବଂ ବିଶ୍ୱ ଅର୍ଥନୀତିରେ ଭାରତର ଅବଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଅଧିବେଶନରେ ବୁଝାମଣାପତ୍ର ସ୍ୱାକ୍ଷରିତ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ୩୦ ଷ୍ଟାର୍ଟଅପକୁ ପ୍ରଫେସର ଜୟସୱାଲ ସ୍ୱାଗତ କରିଥିଲେ। କନକ୍ଲେଭରେ ଜେକେ ଅର୍ଗାନାଇଜେସନର ଗ୍ରୁପ ଏଚ୍ଆର ତଥା ଏନ୍ଏଚ୍ଆରଡିର ଜାତୀୟ ସଭାପତି ପ୍ରେମ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

ମୁଖ୍ୟ ଅତିଥି ସିଂ କହିଥିଲେ ଯେ, ରଣନୈତିକ ଭାଗିଦାରୀ ହେଉଛି ଯେକୌଣସି ଆଧୁନିକ ବ୍ୟବସାୟ ମଡେଲର ମୂଳଦୁଆ। ଏହି ଭାଗିଦାରୀ ସଂସ୍ଥାଗୁଡ଼ିକୁ ପରସ୍ପରର ଶକ୍ତି, ପାରସ୍ପରିକ ମୂଲ୍ୟ ସୃଷ୍ଟି ଏବଂ ଅଭିନବତାର ସଂଗ୍ରହକୁ ଉପଯୋଗ କରିବାକୁ ସକ୍ଷମ କରିବ। ଆଜି ପରସ୍ପର ଉପରେ ନିର୍ଭରଶୀଳ ଏବଂ ପରସ୍ପର ସହ ଜଡ଼ିତ ଦୁନିଆରେ, ଏହି ମଜଭୁତ ମେଣ୍ଟ ସମୃଦ୍ଧ ହେବା କିମ୍ବା କେବଳ ବଞ୍ଚିବା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରୁଛି। ମାତ୍ର କିଛି ବର୍ଷ ମଧ୍ୟରେ ଏହାର ଜିଡିପି ୧ ଟ୍ରିଲିୟନ ଡଲାର ବୃଦ୍ଧି ପାଇଥିବାରୁ ଭାରତୀୟ ଅର୍ଥନୀତି ଅତ୍ୟନ୍ତ ସ୍ଥିରତା ଏବଂ ଅଭିବୃଦ୍ଧି ପ୍ରଦର୍ଶନ କରିଛି। ୨୦୫୦ ବେଳକୁ ଏହା ୭ ଗୁଣ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ବୈଷୟିକ ଅଭିବୃଦ୍ଧି ଯୁବ ଜନସଂଖ୍ୟା ତଥା ପ୍ରଯୁକ୍ତି ଏବଂ ଉଦ୍ୟୋଗୀ ମନୋଭାବ ବୃଦ୍ଧି ଦ୍ୱାରା ପରିଚାଳିତ ହୋଇଛି ବୋଲି କହିଥିଲେ। ତାଜ ହୋଟେଲର ଆସୋସିଏଟ ଡାଇରେକ୍ଟର ଅଫ ସେଲ୍ସ ଗୌରି କାଲରା ମୁଖ୍ୟବକ୍ତା, ଲାଇଭସ୍ୱିଚର ପରିଚାଳନା ନିର୍ଦ୍ଦେଶକ ଅବିନାଶ ରାଓ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିସହ ସମ୍ମିଳନୀରେ ୩୫ ଜଣ ଶୀର୍ଷ ଶିଳ୍ପ ଲିଡର ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ମାର୍ମାଜ୍ଞା ଅଧ୍ୟକ୍ଷା ପ୍ରଫେସର ଶିଖା ଭରଦ୍ୱାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣନୈତିକ ଭାଗୀଦାରି ଆଧୁନିକ ବ୍ୟବସାୟ ମଡେଲର ମୂଳଦୁଆ

ଆଇଆଇଏମ ସମ୍ବଲପୁର ଆଇହବ-ଇନକ୍ୟୁବେଶନ ସେଣ୍ଟରର ପ୍ରଥମ କାର୍ଯ୍ୟକ୍ରମ ଇନକ୍ୟୁବେଶନ ଆଣ୍ଡ ଏକ୍ସଲେରେସନ ପ୍ରୋଗ୍ରାମ ୨୦୨୪-୨୫ ଅଧିନରେ ୭୦ଟି ଆବେଦନ ମଧ୍ୟରୁ ୩୦ଟି ଷ୍ଟାର୍ଟଅପ ପରାମର୍ଶ, ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ସହାୟତା ପାଇଁ ନିୟୋଜିତ କରାଯାଇଛି। ସେଥିରୁ ୧୯ଟି ଷ୍ଟାର୍ଟଅପ ଓଡ଼ିଶାର ରହିଛନ୍ତି। ମନୋନୀତ ହସ୍ତତନ୍ତ ଷ୍ଟାର୍ଟଅପଗୁଡ଼ିକ ମଧ୍ୟରେ ବରଗଡ଼ର ସୁକାନ୍ତି ମେହେରଙ୍କ ଦ୍ୱାରା ପ୍ରତିଷ୍ଠିତ ସୁକାନ୍ତି ହସ୍ତତନ୍ତ ପ୍ରାଇଭେଟ ଲିମିଟେଡ ଏବଂ ମହିଳାଙ୍କ ପାଇଁ ସାନିଟାରି ପ୍ୟାଡ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଥିବା ପ୍ରଶାନ୍ତ ଇଣ୍ଟରପ୍ରାଇଜ ଝାରସୁଗୁଡ଼ାର ପାୟଲ ପଟେଲଙ୍କ ନେତୃତ୍ୱରେ ରହିଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହିତ ମେକ ଇନ ଇଣ୍ଡିଆ ଏବଂ ଜାତୀୟ ଶିଳ୍ପ କରିଡର ବିକାଶ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଦ୍ୱାରା ପରିଚାଳିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧିପାଇଛି। ବିଶ୍ୱବ୍ୟାପୀ ବ୍ୟବସାୟୀମାନେ ପରିବର୍ତ୍ତନର ମୁକାବିଲା କରିବା, ଯୋଗାଣ ଶୃଙ୍ଖଳା ବିଭ୍ରାଟକୁ ପରିଚାଳନା କରିବା ଏବଂ ବୈଷୟିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସହଯୋଗିତା ଗଠନ କରୁଛନ୍ତି। ଭାରତୀୟ ଶିଳ୍ପ ମହାସଂଘ ସହଯୋଗରେ ଆୟୋଜିତ ସମାରୋହରେ ୩୦ଟି ଷ୍ଟାର୍ଟଅପ ନିୟୋଜିତ ହୋଇଥିଲା।

## ସଂକ୍ଷେପରେ

### ଜିଲା ପାଇଁ ଗୌରବ ଆଣିଲେ ଅଧ୍ୟାପକ

**କାର୍ଡିଓଆରେ ଆନ୍ତର୍ଜାତିକ ସମ୍ମିଳନୀ**



ଭବାନୀପାଟଣା,୨୬।୧୦(ଉତ୍ତମ କୁମାର ଦାଶ)

ଭବାନୀପାଟଣା ଜୟ ପ୍ରକାଶ ସାଂଖ୍ୟ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ କାର୍ଡିଓଆର ନେମ୍ପେର ରୟାଲ ୟୁନିଭର୍ସିଟି ଅଫ ଲ ଆଣ୍ଡ ଇକୋନୋମିକ୍ସରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ହ୍ୟୁମାନ ଭେଲ୍ୟୁ (ମାନବୀୟ ମୂଲ୍ୟ) ଉପରେ ଶନିବାର ନିଜର ତର୍କ ଉପସ୍ଥାପନ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଆଧୁନିକ ବିଜ୍ଞାନ ଓ ଯନ୍ତ୍ର ଦୁନିଆରେ କୃତ୍ରିମ ଜ୍ଞାନ ଓ ମାନବ ଜ୍ଞାନର ପାର୍ଥକ୍ୟ ସହ ମାନବୀୟ ଗୁଣାବଳୀର ବ୍ୟବହାରିକ ପ୍ରୟୋଗ ପଦ୍ଧତିରେ ସମାଜର କଲ୍ୟାଣ ଓ ଗୁଣବତ୍ତାର ବୃଦ୍ଧି ଉପରେ ସେ ତର୍କ ଉପସ୍ଥାପନା କରି ବେଶ ପ୍ରଶଂସିତ ହୋଇଛନ୍ତି। ଏହି ଅଧିବେଶନରେ ଗାନ୍ଧୀଗ୍ରାମ ବିଶ୍ୱ ବିଦ୍ୟାଳୟର ଡ. ସୌନ୍ଦର୍ଯ୍ୟ ପାଣ୍ଡିଆନ ଓ ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରଫେସର ଡ. ସ୍ମୃତି ରଞ୍ଜନ ଦାସ ଅଧ୍ୟକ୍ଷତା ଓ ସହଅଧ୍ୟକ୍ଷତା କରିଥିଲେ। ସର୍ବମୋଟ ୧୨ ଟି ଦେଶର ୧୫୦ ଜଣ ପ୍ରତିନିଧି ଏହି ସମ୍ମିଳନୀରେ ଭାଗ ନେଇଥିଲେ।

# ଆଉଟସୋର୍ସିଂ ନିଯୁକ୍ତିକୁ ନେଇ ବଢୁଛି ଅଶାନ୍ତି

ବଲାଙ୍ଗୀର,୨୬।୧୦(ବୀରେନ୍ଦ୍ର କୁମାର ଖାଙ୍କର)



ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ସୁରକ୍ଷା ଓ ସଫେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତିକୁ ନେଇ କର୍ମଚାରୀ ମହଲରେ ଘୋର ଅଶାନ୍ତି ବୃଦ୍ଧି ପାଇଛି। କେତେଜଣ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ ଭୟ ଘାରିଛି। ଆଉ କିଛି କର୍ମଚାରୀଙ୍କ ପକ୍ଷରୁ ହସ୍ପିଟାଲରେ ଆଉଟସୋର୍ସିଂ ସଂସ୍ଥା ଜରିଆରେ କର୍ମଚାରୀ ନିଯୁକ୍ତି ଓ ନବୀକରଣ ନାଁରେ ଟଙ୍କା କାରବାର ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ହସ୍ପିଟାଲ ପରିବେଶ ଅଶାନ୍ତ ହୋଇଉଠିଛି। ଶନିବାର ହସ୍ପିଟାଲ ପରିସରରେ ଆଉଟସୋର୍ସିଂ ସଫେଇ ଓ ସୁରକ୍ଷା କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ଖବରପାଇ ଏସଡିପିଓ ପ୍ରଦୀପ କୁମାର ସାହୁ ଓ ଟାଉନ ଥାନା ଆଇଆଇସି ଅବନୀ ସାହୁ ପୋଲିସ ଟିମ୍ ସହ ଯୋଗଦେଇ ଆସି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡାଙ୍କ ଅଫିସ ଚ୍ୟାମ୍ବରକୁ ଯାଇ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଏସଡିପିଓ, ଟାଉନ ଥାନାଧିକାରୀ, ପରିବେଶ କର୍ମୀ କାହ୍ନା ଶତପଥୀଙ୍କ ସହ ସୁରକ୍ଷା ଓ ସଫେଇ କର୍ମଚାରୀ ପ୍ରତିନିଧି ଉପସ୍ଥିତ ଥିଲେ। ସୁରକ୍ଷା ଓ ସଫେଇ କର୍ମଚାରୀ ପ୍ରତିନିଧିମାନେ ହସ୍ପିଟାଲରେ ଆଉଟସୋର୍ସିଂ କମ୍ପାନୀ ଜରିଆରେ ସୁରକ୍ଷା ଓ ସଫେଇ କର୍ମଚାରୀ ନିଯୁକ୍ତିରେ ଟଙ୍କା କାରବାର ଚାଲିଥିବା ଅଭିଯୋଗ କରିଥିଲେ। ନୂଆ ନିଯୁକ୍ତି ପାଇଁ କର୍ମଚାରୀମାନେ ୬୦ ହଜାରରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦେଇ ନିଯୁକ୍ତି ପତ୍ର ପାଉଥିବା ଅଭିଯୋଗ କରିଥିଲେ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କୁ ଛଟେଇ ଓ ଚାକିରିରୁ ବିଦା କରିବା ଷଡଯନ୍ତ୍ର କରାଯାଉଥିବା ଅଭିଯୋଗ ଆଣିଥିଲେ।

**ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ**

- ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସୁରକ୍ଷା ଓ ସଫେଇ କର୍ମଚାରୀ
- ପୋଲିସ ଉପସ୍ଥିତିରେ ହସ୍ପିଟାଲ ଅଧୀକ୍ଷିକାଙ୍କ ସହ ହେଲା ଆଲୋଚନା
- କୌଣସି କର୍ମଚାରୀଙ୍କୁ ଛଟେଇ ନ କରିବାକୁ ଦାବି କଲେ

ପୂର୍ବରୁ ହସ୍ପିଟାଲରେ ପ୍ରତ୍ୟୁଷ ସଂସ୍ଥା ଜରିଆରେ ସଫେଇ କର୍ମଚାରୀ ଏବଂ ଏସ୍ଆଇଏସ୍ ସଂସ୍ଥା ଜରିଆରେ ସୁରକ୍ଷା କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏବେ କେୟାର ଏବଂ ଅଭିରାମ ନାମକ ଦୁଇ ଆଉଟସୋର୍ସିଂ ସଂସ୍ଥା ନିଯୁକ୍ତି ଦେଉଛନ୍ତି। ଏଣୁ ପୂର୍ବରୁ ନିଯୁକ୍ତ ହୋଇଥିବା କର୍ମଚାରୀମାନେ ଛଟେଇ ଭୟରେ ରହିଛନ୍ତି। ପୁରୁଣା କର୍ମଚାରୀମାନଙ୍କୁ ଛଟେଇ କରାଯାଇ ତାଙ୍କ ସ୍ଥାନରେ ନୂଆ କର୍ମଚାରୀ ନିଯୁକ୍ତ କରାଯିବା ଆଶଙ୍କା କରିଛନ୍ତି। ତେବେ ହସ୍ପିଟାଲ ଅଧୀକ୍ଷକ ଡା. ପଣ୍ଡା କୌଣସି କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ହସ୍ପିଟାଲରେ ନୂଆ କର୍ମଚାରୀ ଆବଶ୍ୟକ ଥିବାରୁ ନିଯୁକ୍ତ କରାଯାଇଛି ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ କର୍ମଚାରୀ ମହଲରେ ଅସନ୍ତୋଷ ଲାଗି ରହିଥିବା ଆଲୋଚନାର ବିଷୟ ହୋଇଛି।

# ଦୁର୍ଘଟଣାରେ ବାପ ପୁଅଙ୍କ ମୃତ୍ୟୁ

ବେଲପଡା,୨୬।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସଲଣ୍ଡି–ଖରବାହାଲି ରାସ୍ତାରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖରବାହାଲି ଗ୍ରାମର ମନୁ ନିଆଲ(୫୫) ଓ ପୁଅ କ୍ଷେତ୍ରି ନିଆଲ (୨୫)। ପ୍ରକାଶ ଯେ, ଅପରାହ୍ଣ ପ୍ରାୟ ୩ଟା ସମୟରେ ଏକ ବାଇକ୍‌ରେ ବାପ ପୁଅ ଦୁହେଁ ସଲଣ୍ଡି ଗ୍ରାମକୁ କୌଣସି କାମ ପାଇଁ ଯାଇଥିଲେ। କାମ ସାରି ନିଜ ଗାଁ ଖରବାହାଲିକୁ ଫେରୁଥିବା ବେଳେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ବୁଲାଣିରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଉଭୟ ବାପ ପୁଅ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ମନୁଙ୍କ ମୃତ୍ୟୁ ଘଟିଥିଲା। ପୁଅ କ୍ଷେତ୍ରିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ସେଠାରେ ପୁଅ କ୍ଷେତ୍ରିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ବେଲପଡା ପୋଲିସ ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମନୁଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବଲାଙ୍ଗୀର ପରେ ଲୋଇସିଂହାରେ ଅସୁସ୍ଥ ଓଟକୁ ଛାଡ଼ି ଚାଲିଗଲା ମାଲିକ



ଅସୁସ୍ଥ ଓଟ।

ଲୋଇସିଂହା,୨୬।୧୦(ସୁଶାନ୍ତ ବାଇକ)

ମାନବିକତାକୁ ଭୁଲିଯାଇ ଅସୁସ୍ଥ ଓଟକୁ ଛାଡ଼ି ଚାଲିଗଲା ମାଲିକ। ଏଭଳି ଏକ ଘଟଣା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡ଼ିଖାଲ ରାମମନ୍ଦିର ପଛପଟେ ଦେଖିବାକୁ ମିଳିଛି। ଏହାପରେ ସ୍ଥାନୀୟ ଅଞ୍ଚଳର ବନମାଳୀ ବହିଦାରଙ୍କ ସମେତ ସ୍ଥାନୀୟ ବିଶ୍ୱକର୍ମା ପୂଜା କମିଟି, ରାମମନ୍ଦିର କମିଟି ସଦସ୍ୟଙ୍କ ପକ୍ଷରୁ ଆଗଲପୁର ଓ ଲୋଇସିଂହା ପଶୁ ନିରୀକ୍ଷକଙ୍କୁ ଡ଼କାଯାଇ ଅସୁସ୍ଥ ଓଟ ଚିକିତ୍ସା କରାଯାଉଛି। ସ୍ଥାନୀୟ ବନ ବିଭାଗ ପକ୍ଷରୁ ବର୍ଷା ଆଶଙ୍କା କରି ଓଟ ପଡି ରହିଥିବା ସ୍ଥାନରେ ଛାଉଣୀ ବ୍ୟବସ୍ଥା କରାଯାଉଥିବା ଜଣାଯାଇଛି।

ସୂଚନା ଅନୁଯାୟୀ,୫ ଜଣ ଯାଯାବର ୨ଟି ଓଟ ଓ ଗୋଟିଏ ଘୋଡା ଧରି ସ୍ଥାନୀୟ ଅଞ୍ଚଳରେ ଭିକ୍ଷା କରିବା ସହ କିଛି ଦିନ ଧରି ସେଠାରେ ରହି ଆସୁଥିଲେ। ହେଲେ ଗୁରୁବାର ରାତିରେ ଉକ୍ତ ଅସୁସ୍ଥ ଓଟକୁ ଛାଡ଼ି ସେମାନେ କୁଆଡ଼େ ଚାଲି ଯାଇଛନ୍ତି। ଶୁକ୍ରବାର ସକାଳୁ ଓଟଟି ସେଠାରେ ପଡ଼ି ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଯାଯାବରମାନେ ନ ଫେରିବାରୁ ଅସୁସ୍ଥ ଓଟ ଛାଡି ଯାଇଥିବା ସନ୍ଦେହ କରି ତାର ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଏହାପୂର୍ବରୁ ମଧ୍ୟ ବଲାଙ୍ଗୀର ସହର ନିକଟରେ ଏକ ଅସୁସ୍ଥ ଓଟକୁ ଛାଡ଼ି ଯାଯାବରମାନେ ଫେରାର ହୋଇ ଯାଇଥିଲେ। ସୁସ୍ଥ ସମୟରେ ପଶୁଗୁଡ଼ିକୁ ପେଟପାଟଣା ପାଇଁ ବ୍ୟବହାର କରୁଥିବା ବେଳେ ଅସୁସ୍ଥ ହେଲେ ଯେଉଁଠି ପାରି ସେଠି ଛାଡ଼ି ଫେରାର ମାରୁଥିବା ଯାଯାବରଙ୍କ ବିରୋଧରେ ଜିଲା ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଶୁପ୍ରେମୀ ଓ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

# ସର୍ବଶ୍ରୀ ସାଖିଆ ସାହିତ୍ୟ ସଂସଦର 'ଶୀତ ଆବାହନୀ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଭବାନୀପାଟଣା,୨୬।୧୦(ଉତ୍ତମ କୁମାର ଦାଶ)

ସମୟର ମୁଖବନ୍ଧ ସାଜେ ସାହିତ୍ୟ। ସମାଜକୁ ସ୍ୱଚ୍ଛ ଓ ସୁନ୍ଦର କରିବାରେ ସାହିତ୍ୟ ଯୁଗେଯୁଗେ ଅଗ୍ର ଭୂମିକା ନେଇଥାଏ। ଲେଖକ ଓ ପାଠକ ସବୁବେଳେ ମାନବିକତା ମୋହରେ ପ୍ରେମର ବାର୍ତ୍ତା ଦେଇଥା'ନ୍ତି ବୋଲି ଶନିବାର ସର୍ବଶ୍ରୀ ସାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୧୩ସଂଖ୍ୟା ସାରସ୍ୱତ ଆସର 'ଶୀତ ଆବାହନୀ' ଅବସରରେ ମତପ୍ରକାଶ ପାଇଥିଲା। ଭବାନୀପାଟଣା ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ଡ. ସାଧୁ ଚରଣ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ଶିବରାମ ନାୟକ ଯୋଗ ଦେଇଥିଲେ। ନୂଆକରି ସାହିତ୍ୟ ସାଧନା କରୁଥିବା ଦୀପକ ସାହୁ, ରାହୁଲ ଗହୀର, ଥବୀର ସାହୁ ଓ ଅଦିତି ନ୍ୟାସିତା ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଯୁବପ୍ରତିଭା କାଜଲ ମହାରଣାଙ୍କ ସଂଯୋଜନାରେ ଡ. ସାଧୁ ଚରଣ ପଣ୍ଡା, ଅଶୋକ କୁମାର ଖମାରୀ, ସୁଦେଷ୍ଣା ପଣ୍ଡା, ସୁଭମ ନାଏକ, ଦୀପ୍ତି ମୁଣ୍ଡ, ସାଗର ବୈଠାରୁ, ଦୀପ୍ତିମୟୀ ସିଂ, ପ୍ରତାପ ଚନ୍ଦ୍ର ପଣ୍ଡା, କେଶବ ନାଏକ, କାଜଲ ମହାରଣା, ବିରଞ୍ଚି ନାରାୟଣ ମୁଣ୍ଡ ପ୍ରମୁଖ ଶୀତ କବିତାବୃତ୍ତି ଓ ଗପ ପାଠ କରିଥିଲେ। ସମ୍ପାଦକ ବିରଞ୍ଚି ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଯୁବ ପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଫାର୍ମ ପଣ୍ଡ ଖନନ ପରେ ମିଳୁନି ପାଉଣା

ନୂଆପଡ଼ା,୨୬।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଟିମନପୁର ଗାଁର ଜଣେ ଚାଷୀ ଫାର୍ମ ପଣ୍ଡ ଖନନ କରିବାର ବର୍ଷେ ବିତିଯାଇଥିଲେ ମଧ୍ୟ ପାଉଣା ପାଇ ନ ଥିବାରୁ ଶନିବାର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଟିମନପୁର ଗାଁର ସଦାନନ୍ଦ ମାଝି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦୨୨–୨୩ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପାଇ ଫାର୍ମପଣ୍ଡ ଖନନ କାର୍ଯ୍ୟ ଶେଷ କରିଥିଲେ। ହେଲେ ବର୍ଷେ ବିତି ଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବିଲ ହୋଇ ନାହିଁ। ଏହି ଯୋଜନାର ପାଉଣା ଜିଓଟ୍ୟାଗ କରି ଆକାଉଣ୍ଟ ମାଧ୍ୟମରେ ମିଳିଥାଏ। ଏଥିପାଇଁ ସଦାନନ୍ଦ ଡାଟାଏଣ୍ଟ୍ରି ଅପରେଟରଙ୍କ ପାଖକୁ ବାରମ୍ବାର ଦୌଡୁଥିଲେ ମଧ୍ୟ ସୁଫଳ ମିଳିନାହିଁ। ନିରୁପାୟ ହୋଇ ଶେଷରେ ସେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧରୁଆଙ୍କୁ ସାକ୍ଷାତ କରି ଲିଖିତ ଭାବରେ ଜଣାଇଛନ୍ତି। ଏହାର ତଦନ୍ତ କରି ନିଶ୍ଚିତ ଭାବରେ ବକେୟା ପାଉଣା ପ୍ରଦାନ କରାଯିବ ବୋଲି ଧରୁଆ ପ୍ରତିଶ୍ରୁତି ଦେଇଛନ୍ତି।

# ସମଲେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଡ଼େନ,୨୬।୧୦(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଟେମରି ଗାଁର ଚାରିଛକ ଖେଳପଡ଼ିଆଠାରେ ମା' ସମଲେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ସିଂ ନିନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବେଣୁଧର ଜଗତ, ଗୋକୁଳ ଚନ୍ଦ୍ର ଜଗତ, ଜଳନ୍ଧର କାଣ୍ଡ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟ ମ୍ୟାଚ ଟେମରି ଓ ଆମ୍ବଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟେମରି ଦଳ ୪–୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି କେନ୍ଦୁଗୁଡା ଓ ମହୁଲପଡ଼ା ମଧ୍ୟରେ ହୋଇଥିବା ଦ୍ୱିତୀୟ ମ୍ୟାଚ୍‌ରେ କେନ୍ଦୁଗୁଡା ୨–୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ଟେମରି–ଏ ଓ ଖଇରା ଦଳ ମଧ୍ୟରେ ହୋଇଥିଲା। ପେନାଲ୍‌ଟି ଶୁଟ ଜରିଆରେ ଟେମରି ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କୋଟଗାଁ ଓ ଚନାବେଡା ମଧ୍ୟରେ ହୋଇଥିବାବେଳେ ପେନାଲ୍‌ଟି ଶୁଟ ଜରିଆରେ ଚନାବେଡା ବିଜୟୀ ହୋଇଥିଲା। କ୍ରୀଡ଼ା ଶିକ୍ଷକ ବଳରାମ ସରାଫ, ବନ ସାହୁ, ଗୁଡ୍ଡୁ ପୂଜାରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ୧୧୫ ଖଣ୍ଡ ଖଇର ଏବଂ କେନ୍ଦୁ କାଠଗଣ୍ଡି ଜବତ

କଣ୍ଟାବାଞ୍ଜି,୨୬।୧୦(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନ ବେଲପଡା ଥାନା ବେଲପଡା ଗାଁ ନିକଟ ଜଙ୍ଗଲରୁ ଶନିବାର ଦିନ ୧୧୫ ଖଣ୍ଡ ଖଇର ଏବଂ କେନ୍ଦୁ କାଠଗଣ୍ଡି ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଫିସର ଏସ.ସାହୁଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଙ୍ଗଲରେ ଚଢାଉ କରି ଖଇର ଓ କେନ୍ଦୁ କାଠଗଣ୍ଡି ଜବତ କରିଥିଲେ। ଏହିସବୁ କାଠ ଗଣ୍ଡି ଚୋରା ଚାଲାଣ ହେବାକୁ ଥିଲା। ଚଢାଉରେ ତୁରେକେଲା,



ଜଙ୍ଗଲରୁ ଜବତ କାଠ ଗଣ୍ଡି।

ଲର୍କି ଓ ମହୁଲପାଟି ଫରେଷ୍ଟର ତଥା ପାରାସ୍କାଉ୍ ଗାର୍ଡ ସାମିଲ ଥିଲେ। ଜବତ କାଠଗଣ୍ଡି ପ୍ରାୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି।

# ନୂତନ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଳ,୨୬।୧୦(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଶିକ୍ଷକ ଭବନ ପରିସରରେ ରାଜ୍ୟ ସରକାରଙ୍କ ତରଫରୁ ନୂତନ ଭାବେ ନିଯୁକ୍ତି ପାଇଥିବା ୩୨ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉତ୍ସବରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରେଶ କୁମାର ପଣ୍ଡା ଓ ଜୟଦେବ ପଣ୍ଡା, ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ କରି ନିଜର ମହନୀୟତା ପ୍ରଦର୍ଶନ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସହ ଶିକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ।

# ପରିତ୍ୟକ୍ତ ଅବସ୍ଥାରେ କାର୍ଯ୍ୟାଳୟ

ଲାଠୋର,୨୬।୧୦(ଭୁବନେଶ୍ୱର ବାରିକ)

**କାର୍ଯ୍ୟକ୍ଷମ ହୋଇନି ଫୋନ ସେବା**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ବିଏସ୍‌ଏନ୍‌ଏଲ(ଭାରତ ସଂଚାର ନିଗମ ଲିମିଟେଡ୍) କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଟେଲିକମ ସେବା ଗତ ୨୦୨୧ରୁ ନିଷ୍କ୍ରିୟ ଅବସ୍ଥାରେ ରହିଛି। ଗତ ୩ ମାସ ଭିତରେ ଟେଲିକମ ସେବା କାର୍ଯ୍ୟକ୍ଷମ କରାଯିବ ବୋଲି କଣ୍ଟାବାଞ୍ଜି ଜେଟିଓ ବ୍ରଜେଶ କୁମାର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଅଦ୍ୟାବଧି ତାହା ସ୍ୱାଭାବିକ ହୋଇପାରି ନ ଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ହେଲା ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜ ନିକଟରେ ବିଏସଏନଏଲ ଟେଲିକମ ସେବା କାର୍ଯ୍ୟାଳୟ ସ୍ଥାପନ କରାଯାଇ ଗ୍ରାମ ତଥା ୧୦ କିମି ଭିତରେ ରହିଥିବା ବିଭିନ୍ନ ଗ୍ରାମର ଅଧିବାସୀଙ୍କୁ ଟେଲିଫୋନ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ସବୁ ଠିକଠାକ ଚାଲୁଥିବା ହେତୁ ଅଞ୍ଚଳର ଲୋକେ ଉପକୃତ ହେଉଥିଲେ। ହେଲେ ୨୦୨୧ ମସିହାରୁ ଲୋକେ ଉପଯୁକ୍ତ ସେବା ପାଇ ନ ପାରି ଘରୋଇ ଟେଲିକମ କମ୍ପାନୀ ମୁହାଁ ହେବାକୁ ଲାଗିଲେ। ଧୀରେ ଧୀରେ ଅଞ୍ଚଳରେ ଗ୍ରାହକ ସଂଖ୍ୟା କମିବାରୁ ଲାଠୋରସ୍ଥିତ ବିଏସଏନଏଲ କାର୍ଯ୍ୟାଳୟରେ ତାଲା ପଡ଼ିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କାର୍ଯ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ସଂପୃକ୍ତ ଜେଟିଓଙ୍କୁ ଗତ ଜୁଲାଇ ୧୧ ତାରିଖରେ ଯୋଗାଯୋଗ କରାଯାଇଥିଲା। ସେ ୩ ମାସ ମଧ୍ୟରେ ଲାଠୋର ବିଏସଏନଏଲ ଟେଲିକମ ସେବାକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ। ଏବେ କାର୍ଯ୍ୟାଳୟ ଚାରିପାଖେ ଅନାବନା ଗଛ ଲଟା ଉଠିଯାଇଛି। ସେଠାରେ ନିର୍ମାଣ କରାଯାଇଥିବା ଟାୱାରକୁ ଛାଡ଼ି ଦେଲେ ଆଉ କିଛି ଦେଖାଯାଉ ନାହିଁ। ଏ ନେଇ ସଂପୃକ୍ତ ଜେଟିଓଙ୍କୁ ପୁନର୍ବାର ପଚାରିବାରେ ଲାଠୋରରେ ୪ଜି ବିଏସଏନଏଲ ସେବା ଚାଲୁଛି ବୋଲି କହିଥିଲେ। ତେବେ କେତେଜଣ ଗ୍ରାହକଙ୍କୁ ପଚାରିବାରେ ବିଏସଏନଏଲ ଇଣ୍ଟରନେଟ ସେବା ଚାଲୁଛି, ହେଲେ ଇନ୍ କମିଙ୍ଗ ଓ ଆଉଟ ଗୋଇଙ୍ଗ କଲ୍ ଯିବା ଆସିବା କରୁନାହିଁ ବୋଲି କହିଥିଲେ। ବିଭାଗୀୟ ଉଚ୍ଚ ପଦାଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଏସଏନଏଲ ସେବାକୁ କାର୍ଯ୍ୟକ୍ଷମ କରିବା ସହ କାର୍ଯ୍ୟାଳୟରେ କର୍ମଚାରୀ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

# ସେଣ୍ଟଆନି ବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା



ସ୍ୱଚ୍ଛତା କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଟିଟିଲାଗଡ଼,୨୬।୧୦(ଶରତ ମିଶ୍ର)

ସେଣ୍ଟ ଆନି ସ୍କୁଲ, ଇକୋ କ୍ଲବ ଟିଟିଲାଗଡ଼ ପକ୍ଷରୁ ଶନିବାର ଗ୍ରୀନ ଇଣ୍ଡିଆ, କ୍ଲିନ ଇଣ୍ଡିଆ ଯୋଜନାରେ ସହରରେ ଏକ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର ନଗର ପରିକ୍ରମା ସହ ବିଭିନ୍ନ ଛକରେ ସଚେତନତାମୂଳକ ନୃତ୍ୟ ନାଟିକା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରାକର, ଆଇନଜୀବୀ ବୀରେନ୍ଦ୍ର ବାଗ ସାମିଲ ହେବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍ସିପାଲ ଡ. ବୀଣା ଭର୍ଗିସ, ଭାଇସ ପ୍ରିନ୍ସିପାଲ ସନ୍ଦୀପ ମିଶ୍ର, ଇକୋ କ୍ଲବ ସଭାପତି ପ୍ରଶାନ୍ତ ବେହେରା, ଉପସଭାପତି ମୁକେଶ ସାହୁ, କିରଣ ଦାଶ, ଅଭିମନ୍ୟୁ ବେହେରା, ନିହାର ରଞ୍ଜନ ପାଢ଼ୀ, ପ୍ରତିମା ନାଏକ, ପଙ୍କଜିନୀ ସାହୁ, ଜେନିମା ଜୟକୁଞ୍ଚୀ, ନିଶାରାଣୀ ତାଣ୍ଡି ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କର୍ମୀ ସିଡିପିଓଙ୍କ ଦ୍ୱାରସ୍ଥ: ସାମଗ୍ରୀ ବଣ୍ଟନ ନିର୍ଦ୍ଦେଶ

ପାଟଣାଗଡ,୨୬।୧୦(ସଚ୍ଚିଦାନନ୍ଦ ମହାକୁର)

**ଛତୁଆ ବଣ୍ଟନରେ ଦୁର୍ନୀତି ଅଭିଯୋଗ**

- ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ସିଡିପିଓ

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକର ଖୁଣ୍ଟସମଲେଇ, ଘସିଏନ, ମରୁଆଁ, ତମିଆଁ , ଫଟାମୁଣ୍ଡା ସେକ୍ଟରରେ ଗତ ଜୁନ ମାସର ଛତୁଆ ବଣ୍ଟନ ନ କରି ଦାୟିତ୍ୱରେ ଥିବା ସଂସ୍ଥା ଲକ୍ଷାଧିକ ଟଙ୍କା ବିଲ୍ କରି ନେଇଥିବା ଅଭିଯୋଗ ହୋଇଛି। ଏପରି କି ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମଧ୍ୟ ହିତାଧିକାରୀମାନଙ୍କୁ ଛତୁଆ ବଣ୍ଟନ ନ କରି ପୁଣି ଉକ୍ତ ସଂସ୍ଥାର ଜଣେ ବ୍ୟକ୍ତି ବିଲ୍ କରାଇ ନେବାକୁ ଉଦ୍ୟମ ଜାରି ରଖିଥିବାର ଅଭିଯୋଗ କରି କେତେଜଣ ଅଙ୍ଗନୱାଡ଼ି କର୍ମୀ ସିଡିପିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ବ୍ଲକର ବନେଇମୁଣ୍ଡାରେ ଥିବା ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଉପରୋକ୍ତ ୫ଟି ସେକ୍ଟରରେ ଥିବା ୧୦୪ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରତି ମାସରେ ଛତୁଆ ସହ ବିଭିନ୍ନ ସାମଗ୍ରୀ ଯୋଗାଣ ଦାୟିତ୍ୱ ନେଇଛି। ଗର୍ଭବତୀ, ପ୍ରସୂତି ଓ କିଶୋରୀ ହିତାଧିକାରୀ ପିଛା ଛତୁଆ ୪ କେଜି ୪ ଶହ ଗ୍ରାମ, ଭଜା ବୁଟ ଚୁନା ୧ କେଜି ୫ ଶହ ଗ୍ରାମ, ଖଜୁରୀ ପେଣ୍ଡି, ବାଦାମ ଲଡୁ ଓ ରାଶି ଲଡୁ ପ୍ରତ୍ୟେକ ୫ ଶହ ଗ୍ରାମ ସହ ମୁଢ଼ି ୭ ଶହ ଗ୍ରାମ ଯୋଗାଇ ଦେବାର ନିୟମ ରହିଛି। ଅନୁରୂପ ଭାବରେ ଶିଶୁମାନଙ୍କ ପାଇଁ ମଧ୍ୟ ଛତୁଆ ୩ କେଜି ୬ ଶହ ଗ୍ରାମ, ସୁଜି ହାଲୁୱା ୧ କେଜି ୩୫୦ ଗ୍ରାମ ଦେବାର ନିୟମ ରହିଛି। କିନ୍ତୁ ଦାୟିତ୍ୱରେ ଥିବା ସଂସ୍ଥା ଉପରୋକ୍ତ ସମସ୍ତ ସାମଗ୍ରୀ ଓଜନରେ ଆବଶ୍ୟକ ଠାରୁ କମ ଦେଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଜୁନ ମାସରେ ଏହିସବୁ ସାମଗ୍ରୀ ହିତାଧିକାରୀମାନଙ୍କୁ ବଣ୍ଟନ କରାନଯାଇ ୬ ରୁ ୭ ଲକ୍ଷ ଟଙ୍କାର ବିଲ୍ କରାଯାଇଥିବାର ଅଭିଯୋଗ ହୋଇଛି। ତେବେ ଅକ୍ଟୋବର ମାସର ଛତୁଆ ବଣ୍ଟନ କରାଯାଇଛି। କିନ୍ତୁ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଛତୁଆ ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରା ନ ଯାଇ ଉକ୍ତ ଠିକା ସଂସ୍ଥା ଏହି ୩ ମାସର ବିଲ୍ କରାଇ ନେବାକୁ ଉଦ୍ୟମ ଜାରି ରଖିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପାଟଣାଗଡ ସିଡିପିଓ ପ୍ରଭାମୟୀ ନାଏକଙ୍କୁ ପଚାରିବାରେ ଅଙ୍ଗନୱାଡି କର୍ମୀଙ୍କ ଠାରୁ ଅଭିଯୋଗ ପତ୍ର ପାଇବା ପରେ ଡିଏସଡବ୍ଲୁଙ୍କୁ ଅବଗତ କରାଯାଇଛି। ତଦନ୍ତ ପରେ ଅଭିଯୋଗର ସତ୍ୟାସତ୍ୟ ଥିବାରୁ ଉକ୍ତ ସଂସ୍ଥାକୁ ବିଭାଗ ପକ୍ଷରୁ ଏହିସବୁ ମାସର ଛତୁଆ ସହ ଅନ୍ୟାନ୍ୟ ସାମଗ୍ରୀ ହିତାଧିକାରୀମାନଙ୍କୁ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନାଏକ ପ୍ରକାଶ କରିଛନ୍ତି।

# ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ସୋନପୁର,୨୬।୧୦(ମୃତ୍ୟୁଞ୍ଜୟ ଶତପଥୀ)**



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

ସୋନପୁର ବ୍ଲକ ଡୁଙ୍ଗୁରିପାଲି କୁଶଳେଶର ଉଚ୍ଚବିଦ୍ୟାଳୟରେ ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାର ଛଅଟି ବ୍ଲକରୁ ଚୟନ ହୋଇଥିବା ବାଳିକା ଓ ବାଳକ ବିଭାଗର ମୋଟ ୧୮୦ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଖେଳ ପରିଚଳନା ସକାଶେ ୨୯ଜଣ କ୍ରୀଡ଼ା ଶିକ୍ଷକ ନିୟୋଜିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୋନପୁର ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ଏବଂ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ତ୍ରିପାଠୀ, ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଓ କୁଶଳେଶ୍ୱର୍ ହାଇସ୍କୁଲର ପ୍ରଧାନଶିକ୍ଷକ ବାବୁଲାଲ ସାହୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ପ୍ରୀତମ ନାଗ ଏବଂ ବାଳିକା ବିଭାଗରେ ଶ୍ରୁତି ବିଶାଳ ଚାମ୍ପିୟନ ହୋଇଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅଲିମ ପାତ୍ର ଏବଂ ଉନେଶ ନନ୍ଦ ଯୁଗ୍ମ ଚାମ୍ପିୟନ ହୋଇଥିବା

**ଅଂଶଗ୍ରହଣ କଲେ ୧୮୦ ଛାତ୍ରୀଛାତ୍ର**

ବେଳେ ବାଳିକା ବର୍ଗରେ ପ୍ରୀତିମୟୀ ଭୁକ୍ତା ଓ ଅର୍ଚ୍ଚିତା ପଧାନ ଯୁଗ୍ମ ଚାମ୍ପିୟନ ବିବେଚିତ ହୋଇଥିଲେ। ଏହି ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ସାହୁ, ଅନନ୍ତ ରାମ ମେଣ୍ଡିଲୀ, ସୂର୍ଯ୍ୟ ପଟ୍ଟନାୟକ, ଜୟନାରାୟଣ ମିଶ୍ର, ଚୌଧୁରୀ ବିଭାର, ମନୋଜ କୁମାର ପାତ୍ର, ରୋହିତ କୁମାର ପଟେଲ ଓ ମହମ୍ମଦ କଲିମ ପରିଚାଳନା କରିଥିଲେ। କୁଶଳେଶର ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚକାନୟନ ମେହେର ,ନନ୍ଦିନୀ ମହାନା, ସଞ୍ଜୟ ପଧାନ, ଏକାଦଶ ବର୍ଗେଇ, ସଂଯୁକ୍ତା ଦାଶ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଈଶ୍ୱର ଚନ୍ଦ୍ର ପଲିଆ, ଅବସରପ୍ରାପ୍ତ ଶିକ୍ଷକ ଜରମନୀ କୁଶଳ ଓ ମୋନଜ ପଲିଆ ଉପସ୍ଥିତ ଥିଲେ।

# ଭସାଣି ସହ ମୁର୍ଷୁଣୀ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ



ଭସାଣି ଶୋଭାଯାତ୍ରାରେ ମା' ଗଜଲକ୍ଷ୍ମୀ।

**ଅମରପାଲି, ୨୬।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣୀ ୪୨ ତମ ଗଜଲକ୍ଷ୍ମୀ ପୂଜା ଶନିବାର ଭସାଣି ସହ ସମାପନ ହୋଇଯାଇଛି। ସକାଳେ ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ଶତାଧିକ ବ୍ରତାଧାରୀ ହୋମ, ଯଜ୍ଞ ଓ ଘୃତଯଜ୍ଞରେ ସାମିଲ ହୋଇଥିଲେ। ଶେଷରେ ପୂର୍ଣ୍ଣାହୁତି ପଡ଼ିଥିଲା। ପରେ ଆରମ୍ଭ ହୋଇଥିଲା ଭସାଣି ଶୋଭାଯାତ୍ରା। ଏଥିରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ଦଳ ସାମିଲ ଥିଲେ। ପୂଜା ମଣ୍ଡପରୁ ମୁଖ୍ୟ ଛକ ଦେଇ ଗ୍ରାମ ପରିକ୍ରମା କରି ବିଗ୍ରହଙ୍କୁ ହରିହର ଯୋରରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ଲବ କୁମାର ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣି, ଉପସଭାପତି ଧନଞ୍ଜୟ ସାହୁ, ସହ ସମ୍ପାଦକ ବିଦ୍ୟାଧର ଖୁର୍ଦ୍ଦିଆ, ଉପଦେଷ୍ଟା ରାଜ ଗୋପାଳ ପାଣଗ୍ରାହୀ, କୁଶ କୁମାର ସାହୁ, ପ୍ରେମାନନ୍ଦ ଜଟିଙ୍କ ସମତେ ଅନ୍ୟକର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଫଗୁ ଖେଳ ହୋଇଥିଲା। ଏହା ଦେଖିବାକୁ ଅଞ୍ଚଳର ସହସ୍ରାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

# ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୨୬।୧୦(ଅଜିତ କୁମାର ବାରିକ୍)**

ବୌଦ୍ଧ ଜିଲାର ସର୍ବପୁରାତନ ପଞ୍ଚାୟତ ମହାବିଦ୍ୟାଳୟର ପଛପଟେ ଥିବା ଏକ ପୁରୁଣା ରାସ୍ତାର ପୁନଃରୁଦ୍ଧାର ପାଇଁ ଛାତ୍ରୀଛାତ୍ରମାନେ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟ ପଛପଟେ ଥିବା ଏକ ରାସ୍ତା ଦୀର୍ଘଦିନ ହେଲା ବନ୍ଦ ହୋଇ ରହିଛି। ପୂର୍ବରୁ ଏହି ରାସ୍ତାଦେଇ ଛାତ୍ରୀଛାତ୍ର ଓ କଲେଜର କର୍ମଚାରୀମାନେ ସୁବିଧାରେ ସହର ମଧ୍ୟକୁ ଯିବା ଆସିବା କରୁଥିବା ବେଳେ କେତେଜଣ ଲୋକଙ୍କ ସ୍ୱାର୍ଥ ସାଧନ ପାଇଁ ଏହି ରାସ୍ତାକୁ ବନ୍ଦ କରିଦିଆଯାଇଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ତେଣୁ ଛାତ୍ରୀଛାତ୍ର ଓ ମହାବିଦ୍ୟାଳୟ କର୍ମଚାରୀଙ୍କ ସୁବିଧା ପାଇଁ ପୁଣିଥରେ ଉକ୍ତ ରାସ୍ତାକୁ ଖୋଲାଯିବାକୁ ଛାତ୍ରୀଛାତ୍ରମାନେ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ପୂର୍ବତନ ବିଧାୟକ, ଜିଲାପାଳ, ଉପଜିଲାପାଳ ତଥା ଏନଏସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଦୂରଦୂରାନ୍ତରୁ ମହାବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଧାୟକ ପ୍ରଧାନ ଛାତ୍ରୀଛାତ୍ରଙ୍କ ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।



ବିଧାୟକ ସରୋଜ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।





ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଜିଲାପାଳ ଓ ଅନ୍ୟ ଅଧିକାରୀ।

# ୨୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

**ବୌଦ୍ଧ,୨୬।୧୦(ଅଜିତ କୁମାର ବାରିକ୍)**

**ଭୋଟର ତାଲିକା ସଂଶୋଧନ ନେଇ ବୈଠକ**

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ପରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଡାକି ବୈଠକ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପୂର୍ବରୁ ସଂଶୋଧନ ପ୍ରକ୍ରିୟା ନେଇ ରାଜନୈତିକ ଦଳର ପ୍ରତିନିଧିଙ୍କ ସହିତ ଆଲୋଚନା କରାଯାଇଥିଲା। ଚୂଡାନ୍ତ ତାଲିକାରୁ ମୃତ ବ୍ୟକ୍ତିମାନଙ୍କ ନାମ ହଟାଇବା, ଶତପ୍ରତିଶତ ଫଟୋ ସଂଯୁକ୍ତ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୯ ତାରିଖ ଦିନ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ନିର୍ବାଚନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ସରୋଜ କୁମାର ବେହେରା, ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ସଂପାଦକ ତାପସ ପଟ୍ଟନାୟକ, କଂଗ୍ରେସ ପକ୍ଷରୁ ଜିଲା ଉପସଭାପତି ସମରେଶ ମିଶ୍ର ଓ ବିଜେଡି ପକ୍ଷରୁ କମ୍ଭୁଧର କ୍ଷେତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନବାଗତା ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୂତନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅମରପାଲି,୨୬।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଏ କ୍ଲଷ୍ଟର ହରିଣାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବାଗତା ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ହରିଣାପାଲି ୟୁପି ସ୍କୁଲରେ ସୁଶ୍ରୀ ମାଶ୍ରିତାସୁଦ୍ଧା ପାତ୍ର ଓ ବାଘପାଲି ଉ.ପ୍ରା. ବିଦ୍ୟାଳୟରେ ସ୍ୱରୂପାରାଣୀ ଖେତି କନିଷ୍ଠ ଶିକ୍ଷୟିତ୍ରୀଭାବେ ନୂତନଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ଉଭୟଙ୍କୁ ଏକ ସମ୍ବର୍ଦ୍ଧନା ସଭାରେ ସ୍ୱାଗତ କରାଯାଇଛି। କ୍ଲଷ୍ଟର ସଂଯୋଜକ ସୁଧାଂଶୁ ଶେଖର ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ କୋଟସମଲାଏ କ୍ଲଷ୍ଟର ବରିଷ୍ଠ ଶିକ୍ଷକ ତଥା ପୂର୍ବତନ ସଂଯୋଜକ ବିଜୟ କୁମାର ହୋତା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ହରିଣାପାଲି ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ମକୁନ୍ଦ ଧରୁଆ, ବିଶିପଡା ସିଆରସିସି ବେଣୁଧର ସୁରଜାଲ ବକ୍ତବ୍ୟ ପ୍ରଦାନ କରିଥିଲେ। ମକୁନ୍ଦ ଧରୁଆ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଭଗବତୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀର ପରେ ଲୋଇସିଂହାରେ ଅସୁସ୍ଥ ଓଟକୁ ଛାଡ଼ି ଚାଲିଗଲା ମାଲିକ

**ଲୋଇସିଂହା,୨୬।୧୦(ସୁଶାନ୍ତ ବାଇକ)**



ଅସୁସ୍ଥ ଓଟ।

ମାନବିକତାକୁ ଭୁଲିଯାଇ ଅସୁସ୍ଥ ଓଟକୁ ଛାଡ଼ି ଚାଲିଗଲା ମାଲିକ। ଏଭଳି ଏକ ଘଟଣା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୁଗୁଡ଼ିଖାଲ ରାମମନ୍ଦିର ପଛପଟେ ଦେଖିବାକୁ ମିଳିଛି। ଏହାପରେ ସ୍ଥାନୀୟ ଅଞ୍ଚଳର ବନମାଳୀ ବହିଦାରଙ୍କ ସମେତ ସ୍ଥାନୀୟ ବିଶ୍ୱକର୍ମା ପୂଜା କମିଟି, ରାମମନ୍ଦିର କମିଟି ସଦସ୍ୟଙ୍କ ପକ୍ଷରୁ ଆଗଲପୁର ଓ ଲୋଇସିଂହା ପଶୁ ନିରୀକ୍ଷକଙ୍କୁ ଡ଼କାଯାଇ ଅସୁସ୍ଥ ଓଟ ଚିକିତ୍ସା କରାଯାଉଛି। ସ୍ଥାନୀୟ ବନ ବିଭାଗ ପକ୍ଷରୁ ବର୍ଷା ଆଶଙ୍କା କରି ଓଟ ପଡି ରହିଥିବା ସ୍ଥାନରେ ଛାଉଣୀ ବ୍ୟବସ୍ଥା କରାଯାଉଥିବା ଜଣାଯାଇଛି। ସୂଚନା ଅନୁଯାୟୀ,୫ ଜଣ ଯାଯାବର ୨ଟି ଓଟ ଓ ଗୋଟିଏ ଘୋଡା ଧରି ସ୍ଥାନୀୟ ଅଞ୍ଚଳରେ ଭିକ୍ଷା କରିବା ସହ କିଛି ଦିନ ଧରି ସେଠାରେ ରହି ଆସୁଥିଲେ। ହେଲେ ଗୁରୁବାର ରାତିରେ ଉକ୍ତ ଅସୁସ୍ଥ ଓଟକୁ ଛାଡ଼ି ସେମାନେ କୁଆଡ଼େ ଚାଲି ଯାଇଛନ୍ତି। ଶୁକ୍ରବାର ସକାଳୁ ଓଟଟି ସେଠାରେ ପଡ଼ି ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଯାଯାବରମାନେ ନ ଫେରିବାରୁ ଅସୁସ୍ଥ ଓଟ ଛାଡି ଯାଇଥିବା ସନ୍ଦେହ କରି ତାର ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଏହାପୂର୍ବରୁ ମଧ୍ୟ ବଲାଙ୍ଗୀର ସହର ନିକଟରେ ଏକ ଅସୁସ୍ଥ ଓଟକୁ ଛାଡ଼ି ଯାଯାବରମାନେ ଫେରାର ହୋଇ ଯାଇଥିଲେ। ସୁସ୍ଥ ସମୟରେ ପଶୁଗୁଡ଼ିକୁ ପେଟପାଟଣା ପାଇଁ ବ୍ୟବହାର କରୁଥିବା ବେଳେ ଅସୁସ୍ଥ ହେଲେ ଯେଉଁଠି ପାରି ସେଠି ଛାଡ଼ି ଫେରାର ମାରୁଥିବା ଯାଯାବରଙ୍କ ବିରୋଧରେ ଜିଲା ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଶୁପ୍ରେମୀ ଓ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

# ଜଟେସିଂହା ୟୁପି ସ୍କୁଲରେ ଯୋଗ ଶିବିର

**ଅମରପାଲି,୨୬।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପୀନାଥ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ପୋଲିସ ହାଇସ୍କୁଲ ବଲାଙ୍ଗୀରର ଅବସରପ୍ରାପ୍ତ ଖେଳ ଶିକ୍ଷକ କିଶୋର ମୋହନ ଡାଙ୍ଗ ଓ ଯୋଗାଚାର୍ଯ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ସହ ବିଭିନ୍ନ ଆସନ ଓ ପ୍ରାଣାୟାମର ଉପକାରିତା ଓ ଏଥିରେ ସେମାନଙ୍କର ସହଭାଗିତା ସମ୍ପର୍କରେ ବୁଝାଇଥିଲେ। ଏହା ସହିତ ସ୍ମୃତି ଶକ୍ତିକୁ ଜାଗ୍ରତ କରିବାକୁ ହେଲେ ପ୍ରାଣାୟାମ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏହା ସତ୍ୟ ଶାସ୍ତ୍ରକୁ ଶ୍ରଦ୍ଧା ପୂର୍ବକ ଅଧ୍ୟୟନ କରି ସ୍ୱଳ୍ପାହାରୀ ଓ ଋତୁ ଅନୁକୂଳ ଆହାର ଭୋଜନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମୟାନୁବର୍ତ୍ତୀ ହୋଇ ନିତ୍ୟ ଯୋଗାଭ୍ୟାସ କଲେ ଶରୀର ନିରୋଗ ହୋଇ ପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ସୌମିତ୍ରୀ ସାହୁ, କେଶବ କୁମାର ନାୟକ, ସହଦେବ ମେହେର, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଭୁଏ, ଶୁଭ୍ରାଞ୍ଜଳି ସାହୁ, ଅନୀତା ତ୍ରିପାଠୀ ସହଯୋଗ କରିଥିଲେ। ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଯୋଗର ମୁଦ୍ରା ଓ ଆସନ ଅଭ୍ୟାସ କରାଇଥିଲେ।



ଜଟେସିଂହା ୟୁପି ସ୍କୁଲରେ ଯୋଗ ଶିବିରରେ ଛାତ୍ରୀଛାତ୍ର।

# ବୌଦ୍ଧ-ସୋନପୁର ଫାଇନାଲ ମୁକାବିଲା

**ଅମରପାଲି,୨୬।୧୦(ପୀତାମ୍ବର ସାହୁ)**



ଅତିଥିଙ୍କ ସହିତ ସୋନପୁର ଓ ବୌଦ୍ଧ ଦଳର ଖେଳାଳିମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତପଣ୍ଡିଆପାଲି ଖେଳ ପଡିଆରେ ଚାଲିଥିବା ୧୫ତମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଉଭୟ ସେମି ଫାଇନାଲ ମ୍ୟାଚ ଖେଳା ହୋଇଥିଲା। ପ୍ରଥମ ସେମି ଫାଇନାଲରେ ବରପାଲିକୁ ହରାଇ ବୌଦ୍ଧ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସେମି ଫାଇନାଲରେ ମହଦା ପଞ୍ଚାୟତକୁ ହରାଇ ଡ୍ରିମ -୧୧ ସୋନପୁର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମି ଫାଇନାଲ ବରପାଲି ଓ କୁନୁ -୧୧ ବରପାଲି ଓ ମେହେର ସୁପରଷ୍ଟାର ବୌଦ୍ଧ ମଧ୍ୟରେ ହୋଇଥିଲା। ବରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୩ ରନ କରିଥିଲା। ଜବାବରେ ବୌଦ୍ଧ ଦଳ ଆବଶ୍ୟକ ୮୪ ରନକୁ ୫.୧ ଓଭରରେ ଗୋଟିଏ ଉଇକେଟ ବିନିମୟରେ ହାସଲ ସଂଗ୍ରହ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ

**ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ**

ସେମି ଫାଇନାଲ ମ୍ୟାଚ ଡ୍ରିମ-୧୧ ସୋନପୁର ଓ ମହଦା ପଞ୍ଚାୟତ ମଧ୍ୟରେ ହୋଇଥିଲା। ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ ମହଦା ପଞ୍ଚାୟତ ୧୦ ଓଭରରେ ୮ ଉଇକେଟ ହରାଇ ୬୪ ରନ କରି ପରାସ୍ତ ହୋଇଥିଲା। ଫଳରେ ସୋନପୁର ଦଳ ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ଏପିଓ ସମିତ ମହାକୁର ଏବଂ ବୀରମହାରାଜପୁର ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି ଅରବିନ୍ଦ ଛତ୍ରିଆ ଅତିଥିଭାବେ ଯୋଗଦେଇ ପ୍ରଥମ ମ୍ୟାଚ ପାଇଁ ବୌଦ୍ଧର ରାକେଶ ଓ ଦ୍ୱିତୀୟ ମ୍ୟାଚ ପାଇଁ ସୋନପୁରର କିରନ ଖାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡ଼ିକ ରଘୁବୀର ମିଶ୍ର ଓ ସୁରେଶ ବିଶି ଅମ୍ପେୟାର, କୁମାର ସେଠୀ ସ୍କୋରିଙ୍ଗ ଏବଂ ରିଙ୍କୁ ଭୁଏ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଡ୍ରିମ-୧୧ ସୋନପୁର ଏବଂ ମେହେର ସୁପରଷ୍ଟାର ବୌଦ୍ଧ ମଧ୍ୟରେ ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ ସଭାପତି ସୁବ୍ରତ ବେହେରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପାଇପ୍ ଜଳ କର୍ମଚାରୀ ସଂଘ ଜୋନସ୍ତରୀୟ ବୈଠକ

**ସମ୍ବଲପୁର,୨୬।୧୦(ବି.ଶଙ୍କର)**

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ସମ୍ବଲପୁର ଜୋନସ୍ତରୀୟ କର୍ମକର୍ତ୍ତାଙ୍କର ବୈଠକ ଶନିବାର ମୁଦିପଡା ପାଣିଟାଙ୍କିସ୍ଥିତ ଜୀବନ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ ସଭାପତି ଉମ୍ବୁଧର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ୱାଟକୋ ଡିଭିଜନ, ପିଏଚ୍ ଡିଭିଜନ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସିଏଲ୍ଆର୍‌ଡିଏଲଆର୍ କର୍ମଚାରୀଙ୍କ ସମସ୍ୟା, କର୍ମଚାରୀଙ୍କ ସର୍ବନିମ୍ନ ମଜୁରି, ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ ଦରମା ପଇଠ କରିବା ବିଷୟରେ ଆଲୋଚନା କରାଯାଇଥିଲା। ପିଏଚ୍‌ଡିଭିଜନ ମଧ୍ୟ ସର୍ବନିମ୍ନ ମଜୁରି ପ୍ରଦାନ କରି ଦରମା ତାରତମ୍ୟ ଦୂର କରିବାକୁ ସଭାରେ ମତ ପ୍ରକାଶ ପାଇଛି। ସଭାରେ ସଂଘ ରାଜ୍ୟ ଯୁଗ୍ମ ସମ୍ପାଦକ ମନୋଜ ଦାସ, ରାଜ୍ୟ ଉପସଭାପତି ରାଜେନ୍ଦ୍ର ପାଣ୍ଡେ, ରାଜ୍ୟ ସଙ୍ଗଠନ ସଭାପତି ସୀମାଞ୍ଚଳ ପଣ୍ଡା, ଜୋନାଲ ସମ୍ପାଦକ ସୁଶାନ୍ତ କୁମାରପଣ୍ଡା, ଉପଦେଷ୍ଟା ଶେଷଦେ କାଣ୍ଡ, ଖଣ୍ଡ ସମ୍ପାଦକ ୱାଟକୋ ପିଏଚ ସଞ୍ଜୟ ପଟେଲ, ସମ୍ପାଦକ ଗଣେଷ ପଟ୍ଟନାୟକ, ଦୂର୍ଲ୍ଲଭ ମଟାରି, ମଧୁ ସୁଧନ ମିଠେଇଲାଲ ଦଫେ ବାଗଙ୍କ ସମେତ ବିଭିନ୍ନ ଶାଖା ସମ୍ପାଦକ ଯୋଗଦାନ କରିଥିଲେ। ସଭାପତି ଫକିରା ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ ପିଏଚ୍ ଉପଖଣ୍ଡ ଅଧିକାରୀଙ୍କ ସଂଘ ବିରୋଧି ନୀତିକୁ ନିନ୍ଦା କରିବା ସହ ଆଗାମୀ ଦିନରେ ବରଗଡ ପିଏଚ ଉପଖଣ୍ଡ କାର୍ଯ୍ୟାଳୟକୁ ଘେରାଉ କରିବା, ଗଣଧାରଣା ସହ ଆନ୍ଦୋଳନ ଯୋରଦାର କରିବାକୁ ସଭାରେ ପ୍ରସ୍ତାବ ନିଆଯାଇଛି।

### ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

**ନାକଟିଦେଉଳ,୨୬।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶନିବାର 'ଆମେ ଭାରତୀୟ ମାନେ ସ୍ୱାଧୀନ କି'' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ସେମିନାର ଆୟୋଜିତ ହୋଇଥିଲା। ଭାରତୀୟ ନାଗରିକମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତାର ପୃଷ୍ଠଭୂମି ତଥା ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ସେମିନାରରେ ଆଲୋଚନା ହୋଇଥିଲା। ସୁଦେଶ ଖାଲକୋ, ପଦ୍ମିନୀ ସାହୁ, ପଙ୍କଜିନୀ ବେହେରା, କରିଷ୍ମା ନାୟକ ଓ ରୋହନ ସାହୁ ପ୍ରମୁଖ ଛାତ୍ରୀଛାତ୍ର ନିଜ ପ୍ରବନ୍ଧ ଉପସ୍ଥାପନା କରି ଭାରତୀୟମାନଙ୍କର ବିଭିନ ସ୍ୱାଧୀନତାର ସମସ୍ୟା ବିଶ୍ଳେଷଣ କରିଥିଲେ। ଭାରତୀୟ ନାଗରିକମାନେ ପୂର୍ଣ୍ଣମାତ୍ରାରେ ରାଜନୈତିକ ଓ ସାମାଜିକ ଅଧିକାର କରୁଥିବାବେଳେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅର୍ଥନୈତିକ ଅଧିକାରକୁ ସଙ୍କୁଚିତ କରାଯାଉଛି ବୋଲି ମତପ୍ରକାଶ ପାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ ଉପସ୍ଥାପିତ ପ୍ରବନ୍ଧଗୁଡିକର ସମୀକ୍ଷା କରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ ଭାରତୀୟ ମାନଙ୍କର ଅର୍ଥନୈତିକ ଅଧିକାର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ପପି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ତମାଖୁ ବ୍ୟବହାର ଉପରେ ରୋକଲଗାଇବାକୁ ଗୁରୁତ୍ୱ

**ସୁନ୍ଦରଗଡ,୨୬।୧୦(ଜୟ ନାରାୟଣ ମେଣ୍ଡୁଲି)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ**

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ବୈଠକ ତଥା ତମାଖୁ ମୁକ୍ତ ଯୁବା ଅଭିଯାନ ୨.୦ ଏବଂ ଖାଦ୍ୟ ନିରାପତ୍ତା ବିଷୟରେ ଶନିବାର ସୁନ୍ଦରଗଡ଼ ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ତମାଖୁର କୁପ୍ରଭାବ, ଏହାର ବ୍ୟବହାର ଉପରେ ରୋକ ଲଗାଇବାପାଇଁ ଜାତୀୟ ସ୍ତରରେ ଥିବା ଆଇନ ବ୍ୟବସ୍ଥା ଏବଂ ଯୁବସମାଜ ଉପରେ ତମାଖୁର ଖରାପ ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ ୨ ମାସ ଧରି ଚାଲୁରହିଥିବା ତମାଖୁ ମୁକ୍ତ ଯୁବା ଅଭିଯାନ ୨.୦ ଉପରେ ମଧ୍ୟ ବିଶେଷ ଆଲୋଚନା କରାଯାଇଥିଲା। ଜିଲା ତମାଖୁ ନିୟନ୍ତ୍ରଣ ବିଭାଗ ତରଫରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ଆଗାମୀ ଦିନର ଯୋଜନା ଏବଂ ତମାଖୁ ନିୟନ୍ତ୍ରଣ ଦିଗରେ ବିଭିନ୍ନ ବିଭାଗର ଦାୟିତ୍ୱ ଉପରେ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସମସ୍ତ ଅଧିକାରୀଙ୍କୁ ଜିଲାରେ ତମାଖୁ ବ୍ୟବହାରକୁ ନିୟନ୍ତ୍ରଣ ଏବଂ ନିଜ ନିଜ ବିଭାଗରେ ଏହାପ୍ରତି ସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟଗୁଡିକରେ 'ତମାଖୁ ମୁକ୍ତ ପରିସର'ର ସୂଚନାଫଳକ ଲଗାଇବା ପାଇଁ ସବୁ ବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ସବୁ ବିଭାଗ ମିଳିତ ପଦକ୍ଷେପ ନିମନ୍ତେ ଆହ୍ୱାନ କରିଥିଲେ। ଜିଲାର ସମସ୍ତ ସ୍କୁଲ, କଲେଜ, ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ପରିସରରେ ବିକ୍ରି କରାଯାଉଥିବା ଦୋକାନଗୁଡିକୁ ନିୟମିତ ଭାବେ ଯାଞ୍ଚ କରିବା, ସମସ୍ତ ସରକାରୀ ଅନୁଷ୍ଠାନରେ ତମାଖୁ ବ୍ୟବହାରକୁ ରୋକ ଲଗାଇବା ପାଇଁ ଯାଞ୍ଚ ଏବଂ ସଚେତନତା ସୃଷ୍ଟି କରିବା ନିମନ୍ତେ ଏନଫୋର୍ସମେଣ୍ଟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର କୌଣସି ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଦ୍ରବ୍ୟ ବିକ୍ରି କରାଯିବା ଏକ ଅପରାଧ ଉପରେ ଗୁରୁତ୍ୱାରୋପ କରି, ଶିକ୍ଷା ବିଭାଗକୁ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସମସ୍ତ ସ୍କୁଲ, କଲେଜ, ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ଯାଞ୍ଚ ଏବଂ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଏକ ବୈଠକରେ ଖାଦ୍ୟ ନିରାପତ୍ତା ବିଭାଗ ସୁନ୍ଦରଗଡ଼ ଏବଂ ରାଉରକେଲା ମହାନଗର ନିଗମ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ତଥ୍ୟ ପ୍ରଦାନ କରାଯାଇଥିଲା। ଖାଦ୍ୟ ନିରାପତ୍ତା ନିୟମ ଅଧୀନ ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ, ଖାଦ୍ୟ ସାମଗ୍ରୀ ଦୋକାନ ଏବଂ ଅନ୍ୟାନ୍ୟ ଖାଦ୍ୟ ଉତ୍ପାଦନ କେନ୍ଦ୍ରଗୁଡିକରେ ଲାଇସେନ୍ସ ଆଇନ ଅନୁଯାୟୀ ବାଧ୍ୟତାମୂଳକ ଏହା ଉପରେ ଗୁରୁତ୍ୱାରୋପ କରି ଖାଦ୍ୟ ନିରାପତ୍ତା ଅଧିକାରୀ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏଥିସହିତ ଆହାରକେନ୍ଦ୍ର, ମନ୍ଦିରରେ ପ୍ରଦାନ କରାଯାଉଥିବା ଭୋଗ, ବିଭିନ୍ନ ସ୍କୁଲର ଖାଦ୍ୟ ଏବଂ ଚିକିତ୍ସାଳୟରେ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ଏବଂ ଆବଶକ ଲାଇସେନ୍ସ ନିୟମିତ ସମୟରେ କରିବା ନିମନ୍ତେ ସମସ୍ତ ବିଭାଗକୁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳ, ସମସ୍ତ ସ୍କୁଲ ଏବଂ ହଷ୍ଟେଲରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ ଏବଂ ଲାଇସେନ୍ସ କରାଇବା ପାଇଁ ତତ୍‌ସମ୍ବନ୍ଧୀୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ମେଳା ଏବଂ ବିଭିନ୍ନ ରାସ୍ତା କଡ ଖାଦ୍ୟଷ୍ଟଲଗୁଡିକୁ ନିୟମିତ ଯାଞ୍ଚ କରିବା ପାଇଁ ଖାଦ୍ୟ ନିରାପତ୍ତା ବିଭାଗକୁ କହିଥିଲେ।

### ବିଧାୟକଙ୍କ ଉଦ୍ୟମରେ ଜମି ଫେରିପାଇଲେ

**ଖଡ଼ିଆଳ,୨୬।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ରିକ୍ଷିଗାଁ ଗ୍ରାମପଞ୍ଚାୟତ ନରସିଂହପୁର ଗ୍ରାମର ୧୧ ପରିବାର ବିଧାୟକଙ୍କ ଉଦ୍ୟମରେ ସେମାନଙ୍କ ଜମି ଫେରିପାଇଛନ୍ତି। ଗ୍ରାମର ମଧୁ ବାରିକ, ମକାରୁ ବାରିକ, ଗୁର୍ଜୁ ପରାଭୋଇ, ହର୍ଗୁଲାଲ ମଡୁଆଲି, ଅକାଲ ପରାଭୋଇ, ବୈଦ୍ୟନାଥ ପରାଭୋଇ, ଛିନୁ ସଗରିଆ, ଘିନୁ ସଗରିଆ, ଗୌରାଙ୍ଗ ମଡୁଆଲି, ରାମ ଭକତ ତେଜି, ନେହେରୁ ତେଜି ଭୂମିହୀନ ହୋଇଥିବାରୁ ସରକାରଙ୍କୁ ଜମି ଖଣ୍ଡେ ପାଇଁ ଆବେଦନ କରିଥିଲେ। ସରକାରୀ ନିୟମ ଅନୁସାରେ ରାଜସ୍ୱ ବିଭାଗ ତରଫରୁ ସେମାନଙ୍କୁ ୪ ଡେସିମିଲ ଲେଖାଏ ଜମି ଦିଆଯାଇଥିଲା। ଏହାର ପଟ୍ଟା ମଧ୍ୟ ସେମାନେ ପାଇଥିଲେ। ହେଲେ ଜମି ଚିହ୍ନଟହୋଇ ନ ଥିବାରୁ ସେମାନେ ନିରାଶ ହୋଇପଡ଼ିଥିଲେ। ଆବାସ ଯୋଜନାରେ ଘର ଖଣ୍ଡେ କରିପାରୁ ନ ଥିଲେ। ଏ ନେଇ ହିତାଧିକାରୀ ବାରମ୍ବାର ଖଡ଼ିଆଳ ତହସିଲ କାର୍ଯ୍ୟାଳୟ ଆସି ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଦୀର୍ଘ ୨୭ବର୍ଷ ଧରି ସେମାନେ ନ୍ୟାୟ ପାଇପାରୁ ନ ଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ଜଣାଇଲା ପରେ ସେ ରାଜସ୍ୱ ବିଭାଗ ସହିତ ଯୋଗାଯୋଗ କରିଥିଲେ। ତାଙ୍କ ଉଦ୍ୟମରେ ସମସ୍ତଙ୍କ ଜମି ଚିହ୍ନଟ ହୋଇଥିଲା।



ଗେଣ୍ଡୁ ଫୁଲ ଚାଷୀ ହିରୋଦ ପଟେଲଙ୍କ ସହ ଅନ୍ୟମାନେ।

## ଗେଣ୍ଡୁ ଫୁଲ ଚାଷ ଦେଇଛି ରୋଜଗାର

**ସୁନ୍ଦରଗଡ,୨୬।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ରତନପୁର ଗ୍ରାମର ଯୁବ ଚାଷୀ ହିରୋଦ ପଟେଲ ଗେଣ୍ଡୁଫୁଲ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପାଠପଢା ପରେ ଚାକିରୀ ପଛରେ ନ ଗୋଡାଇ ସମନ୍ୱିତ ଉଦ୍ୟାନ ଚାଷ କରି ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଯୁବ ବର୍ଗଙ୍କ ପାଇଁ ଉଦାହରଣ ସାଜିଛନ୍ତି। ହିରୋଦ ଚଳିତ ବର୍ଷ ସଜନା ଛୁଇଁ ଚାଷ ଭିତରେ ପ୍ରାୟ ଅଢ଼େଇ ଏକର ଜମିରେ ପ୍ରଥମ କରି ଏହି ମେରି ଗୋଲ୍ଡ କିସମର ଗେଣ୍ଡୁଫୁଲ ଚାଷ କରିଛନ୍ତି। ଗତ ଜୁଲାଇ ମାସରେ ଏହିଗଛ ଲଗାଇବାପରେ ସେପ୍ଟେମ୍ବର ମାସରୁ ଏହି ଫୁଲ ବିକ୍ରି ଆରମ୍ଭ କରିଛନ୍ତି। ବର୍ତ୍ତମାନ ଦିପାବଳୀ ପାଇଁ ଏହି ଗେଣ୍ଡୁଫୁଲର ଚାହିଦା ବଢିଯାଇଛି। ବର୍ତ୍ତମାନ ଏହି ଫୁଲ କେଜି ପ୍ରତି ୮୦ ଟଙ୍କା ଦରରେ ବିକ୍ରି କରୁଥିବା ବେଳେ ଆଗକୁ କେଜି ପ୍ରତି ୧୦୦ଟଙ୍କା ହେବ ବୋଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ପ୍ରାୟ୪୦ହଜାର ଟଙ୍କା ଫୁଲ ବିକ୍ରି କରିସାରିଥିବା ବେଳେ ନଭେମ୍ବର ସୁଦ୍ଧା ସେ ୨ଲକ୍ଷ ଟଙ୍କା ଯାଏ ବିକ୍ରି କରି ଲାଭବାନ ହେବେ ବୋଲି କହିଛନ୍ତି। ତାଙ୍କର ଭଳି ଅନ୍ୟଯୁବକମାନେ ଚାକିରୀ ପାଇଁ ଆନ୍ୟାନ୍ୟ ରାଜ୍ୟକୁ ଯାଇ ନିଜ ଗାଁ ମାଟିରେ ଫୁଲ କିମ୍ବା ସମନ୍ୱିତ ଚାଷୀ କରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ହିରୋଦ କହିଛନ୍ତି।

## ୨୬ ଜୁଆଡି କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୬।୧୦(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ଥାନାଠାରୁ ମାତ୍ର ୨ ଶହ ମିଟର ଦୂର ଭଞ୍ଜଭବନ ନିକଟସ୍ଥ ମାର୍କେଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଜୁଆଖେଳ ଚାଲିଥିଲା। ଖବରପାଇ ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ ଦାସ ଓ ଆଇଆଇସି ବନ୍ଦନା ପାତ୍ର ପୋଲିସ ଟିମ୍ ସହ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ୨୬ ଜଣ ଜୁଆଡିଙ୍କୁ ପୋଲିସ ଘଟଣାସ୍ଥଳରେ କାବୁ କରି ଥାନାକୁ ଆଣିଥିଲା। ଏହାସହ ଘଟଣା ସ୍ଥଳରୁ ୭୨ ହଜାର ୫ ଶହ ୬୦ ଟଙ୍କା, ୫ଟି ମୋଟରସାଇକେଲ,୧୮ଟି ମୋବାଇଲ,୧୬ ପ୍ୟାକେଟ ସିଲ ତାସ, ୮୧ ଖୋଲା ତାସ ପତା ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ବୀରମିତ୍ରପୁର ଓ ରାଏବୋଗା ଥାନା ଅଞ୍ଚଳର ହୋଇଥିବା ପୋଲିସ କହିଛି। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଗିରଫ ୨୬ ଜଣ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସୂଚନାଥାଉ କି, କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତଙ୍କୁ ଥାନାରୁ ମୁକୁଳାଇ ନେବା ପାଇଁ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ନେତାମାନେ ପୋଲିସ ଉପରେ ଚାପ ପକାଉଥିଲେ। ହେଲେ ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ ଦାସ ଏଭଳି ଘଟଣାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟଭାବେ କହିଥିଲେ। ଫଳରେ ସମସ୍ତ ଅଭିଯୁକ୍ତଙ୍କୁ ଶେଷରେ କୋର୍ଟ ଚାଲାଣ କରାଯାଇଥିଲା।

### ପାମରାରେ ଡାକମେଳା

**ବଡ଼ଗାଁ, ୨୬।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପାମରା ଗ୍ରାମରେ ଶନିବାର ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ ବିଭାଗର ବରିଷ୍ଠ ଅଧକ୍ଷ ଜୟନ୍ତ କୁମାର ଦାସ, ଉପ ଅଧକ୍ଷ ମନୋଜ କୁମାର ବେହେରା, ଇନ୍ସପେକ୍ଟର ମନୋଜ ପ୍ରସାଦ ଦାସଙ୍କ ସମେତ କର୍ମଚାରୀମାନେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବ ସ୍ଥାନୀୟ ସରପଞ୍ଚ ଏମାନେଲି ଡୁଙ୍ଗ୍‌ଡୁଙ୍ଗ୍, ନାଏବ ସରପଞ୍ଚ ଲଳିତ ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ଲାଭ ଉଠାଇବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

### ବନ୍ଧମୁଣ୍ଡା ରାସ୍ତା ପ୍ରଶସ୍ତୀକରଣ ୫ମିଟର ଘୁଞ୍ଚିଲା

**ବନ୍ଧମୁଣ୍ଡା,୨୬।୧୦(ସୁବ୍ରତ ଦେ)**

ଜରାଇକେଲାରୁ ବନ୍ଧମୁଣ୍ଡା ମଧ୍ୟରେ ଜାତୀୟ ରାଜପଥ ନିର୍ମାଣ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଏବଂ ଘର ଭାଙ୍ଗିବା ପାଇଁ ବିଭାଗୀୟ ନିଷ୍ପତ୍ତି ନିଆଯାଇଛି। ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ସ୍ଥାନୀୟ ଦୋକାନୀ ଏବଂ ଘର ମାଲିକମାନେ ରାଉରକେଲା ଏଡିଏମ୍‌ଙ୍କୁ ଭେଟି ଜାତୀୟ ରାଜପଥକୁ ବାଇପାସ୍ କରିବା ନଚେତ୍ ରାସ୍ତାର ପ୍ରଶସ୍ତୀକରଣକୁ କିଛି ହ୍ରାସ କରିବାକୁ ଦାବି କରିଥିଲେ। ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଶନିବାର ବିଭାଗୀୟ କର୍ମଚାରୀ ରାସ୍ତାର ଉଭୟ ପାର୍ଶ୍ୱରେ ପୂର୍ବରୁ ଚିହ୍ନଟ କରାଯାଇଥିବା ମାପଦଣ୍ଡକୁ ୨.୫ ମିଟର ହ୍ରାସ କରିଛନ୍ତି। ବର୍ତ୍ତମାନ ବନ୍ଧମୁଣ୍ଡା ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣରେ ମୋଟ ୫ ମିଟର ହ୍ରାସ କରାଯାଇଛି। ଫଳରେ ଅଞ୍ଚଳର ଦୋକାନୀ ଏବଂ ଘର ମାଲିକମାନଙ୍କ ଚିନ୍ତା କିଛି ମାତ୍ରାରେ କମ୍ ହୋଇଛି। ଏହି ନୂତନ ମାପଦଣ୍ଡ ପରେ ସହରରେ ଏକ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳୁଛି। ଏହି ନୂତନ ଆଦେଶ ପରେ ଯେଉଁମାନଙ୍କର ଦୋକାନ ଏବଂ ଘର ବିପଦ ସଙ୍କେତରୁ ବାହାରିଯାଇଛି, ସେମାନଙ୍କ ଚିନ୍ତା ସାମାନ୍ୟ କମ୍ ହୋଇଥିବା ବେଳେ ଯେଉଁମାନଙ୍କର ଦୋକାନ ଓ ଘର ଏବେ ମଧ୍ୟ ବିପଦସଙ୍କେତ ମଧ୍ୟ ଦେଇ ଗତି କରୁଛି, ସେମାନେ ପୂର୍ବ ଅପେକ୍ଷା ଅଧିକ ଚିନ୍ତାରେ ପଡ଼ି ଯାଇଛନ୍ତି। ଏହି ପ୍ରସଙ୍ଗରେ ଏନ୍ଏଚ୍ ବିଭାଗର ଜେଇ ଜ୍ୟୋସ୍ନାମୟୀ ବିଶ୍ୱାଳ କହିଛନ୍ତି, ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତା ପ୍ରଶସ୍ତୀକରଣରେ ୨.୫ ମିଟର ହ୍ରାସ କରାଯାଇଛି।

### ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଝାରବନ୍ଧ,୨୬।୧୦(ଦେବେନ୍ଦ୍ର ସାହୁ)**

ଝାରବନ୍ଧରେ ଶୁକ୍ରବାର ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଏହାକୁ ଉଦ୍‌ଘାଟନ କରିଥିଲେ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଏହି କାର୍ଯ୍ୟାଳୟ ସହାୟକ ହେବ ବୋଲି ମତ ଦେବା ସହ ଏଠାରେ ଅଭିଯୋଗ ପ୍ରକୋଷ୍ଠ କରି ଲୋକଙ୍କ ଅଭିଯୋଗ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଗ୍ରହଣ କରି ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଝାରବନ୍ଧ ବ୍ଲକର ଭାଜପା କର୍ମୀ ବିନୋଦ ବିହାରୀ ବାଗ, ସାମନ୍ତ ଶେଖର ମୁନା, ଗମ୍ଭୀର ବାଗ, ଜୁଲଚନ୍ଦ୍ର ସାହୁ, ହରିହର ସାହୁଙ୍କ ସହ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଅତିଥିମାନେ ପ୍ରକଳ୍ପଗୁଡିକୁ ବୁଲି ଦେଖୁଛନ୍ତି।

**ନାକଟିଦେଉଳ,୨୬।୧୦(ବୈକୁଣ୍ଠନାଥ ସାହୁ )**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ୫୨ଟି ଏବଂ କନିଷ୍ଠ ବିଭାଗରେ ୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିରିଷ୍ଠ ବିଭାଗରେ ୯ମ ଶ୍ରେଣୀ ଛାତ୍ରୀ ମଧୁମିତା ସାହୁ ପ୍ରଥମ, ୧୦ମ ଶ୍ରେଣୀ ଛାତ୍ର ଉମାଶଙ୍କର ବସନ୍ତରା ଦ୍ୱିତୀୟ ଏବଂ ୧୦ମ ଶ୍ରେଣୀ ଛାତ୍ର ପ୍ରଭଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ୮ମ ଶ୍ରେଣୀ ଛାତ୍ର ଲକ୍ଷ୍ମୀକାନ୍ତ ସାହୁ ପ୍ରଥମ, ୭ମ ଶ୍ରେଣୀ ଛାତ୍ରୀ କ୍ଷୀରୋଦମୟୀ ସ୍ୱାଇଁ ଦ୍ୱିତୀୟ ଏବଂ ୭ମ ଶ୍ରେଣୀ ଛାତ୍ରୀ ମୋନାଲିସା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। କୁଞ୍ଜାମୁରା ସାଲେଇଡିପ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ଗୋଲାପ ମାଝୀ ଏବଂ ସାହେବୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ନୃସିଂହ ସାହୁ ବିଚାରକଭାବେ ଯୋଗଦେଇ ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ।

## ମଦ ବିରୋଧରେ ତାତିଲେ ମହିଳା

**ଜମନକିରା,୨୬।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)**



ନିଶା ନିବାରଣ ପାଇଁ ଗାଁ ନିଷ୍ପତ୍ତିକୁ ଅମାନ୍ୟ କରି ମଦ ବିକ୍ରି କରୁଥିଲେ। ବାରଣ କଲେ ବି ଶୁଣିଲେ ନାହିଁ। ଶେଷରେ ମଦ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇ ରାସ୍ତାକୁ ଓହ୍ଲାଇଛନ୍ତି ସମ୍ବଲପୁର ଜିଲା ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ମଧ୍ୟମ ବାଦିବାହାଲର ଶହଶହ ଆଦିବାସୀ ମହିଳାପୁରୁଷ। ଶନିବାର ବେଆଇନଭାବେ ମଦ ବିକ୍ରି କରୁଥିବା ଭାଟିରୁ ମଦ ଆଣି ସ୍ଥାନୀୟ ପଡ଼ିଆରେ ସେମାନେ ଢ଼ାଳି ଦେଇ ମଦ ବିରୋଧୀ ଅଭିଯାନ ନେଇ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ।

ଶନିବାର ସକାଳେ ମଧ୍ୟମ ବାଦିବାହାଲ ଗ୍ରାମର ବହୁ ସଂଖ୍ୟାରେ ଆଦିବାସୀ ବର୍ଗର ମହିଳାପୁରୁଷ ଏକ ବୈଠକ କରିଥିଲେ। ବୈଠକରେ ସେମାନେ କହିଥିଲେ ଯେ, ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ନିଶା ନିବାରଣ ନାରା ଦେଇ ସେମାନେ ଗ୍ରାମ ପରିକ୍ରମା କରିଥିଲେ। ଲୋକଙ୍କୁ ମଦରୁ ଦୂରେଇ ରହିବା ପାଇଁ ଏହି ଅବସରରେ ସଚେତନ କରାଯାଇଥିଲା। ଯେଉଁ ବ୍ୟକ୍ତି କିମ୍ବା ପରିବାର ମଦ କିମ୍ବା ଅନ୍ୟ କୌଣସି ନିଶା ସାମଗ୍ରୀ ବିକ୍ରି କରିବ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏହାକୁ ଅମାନ୍ୟ କରି ମଧ୍ୟମ ବାଦିବାହାଲ ତେଲିପଡ଼ାର କେତେଜଣ ଯୁବକ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମଦଭାଟି କରି ବିକ୍ରି କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ଏକଥା ପ୍ରଚାର ଜଣାପଡିବା ପରେ ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶନିବାର ସକାଳେ ଗ୍ରାମର ବହୁ ସଂଖ୍ୟାରେ ମହିଳାପୁରୁଷ ଗ୍ରାମ ପଡିଆରେ ଏକ ବୈଠକ କରି ମଦ ବିରୋଧରେ ଲଢେଇ ଜାରି ରହିବ ବୋଲି ନିଷ୍ପତ୍ତି ନେଇଥିଲେ। ପରେ ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ମଦଭାଟିକୁ ଘେରାଉ କରିଥିଲେ। ଭାଟିରେ ମଦ ଭର୍ତ୍ତି ବାଲ୍ଟି ଓ ଜାର ଜବତ କରି ସର୍ବସମ୍ମୁଖରେ ପଡିଆରେ ଆଣି ଢାଳି ଦେଇଥିଲେ। ନିଶା ନିବାରଣ ଦିଗରେ କାର୍ଯ୍ୟ କଲେ ମହାତ୍ମା ଗାନ୍ଧୀଙ୍କ ସପ୍ନ ସାକାର ହୋଇ ପାରିବ ବୋଲି ଗ୍ରାମର ସମାଜସେବୀ ଭୁବନେଶର ଦିବେଦୀ ବୈଠକରେ କହିଥିଲେ।

## ଜିଲାସ୍ତରୀୟ ସିପକ ଟାକ୍ର ଚୟନ ପ୍ରତିଯୋଗିତା

**ସୁନ୍ଦରଗଡ଼,୨୬।୧୦(ଜୟ ନାରାୟଣ ମେଣ୍ଡୁଲି)**




ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳିମାନେ।

ସୁନ୍ଦରଗଡ଼ଜିଲାସ୍ତରୀୟସିପକଟାକ୍ରଚୟନ ପ୍ରତିଯୋଗିତା ଶନିବାର ଯୋଗୀମାଲ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗୀମାଲ ସରପଞ୍ଚ ସୌଦାମିନୀ ଭୋଇ, ସମ୍ମାନିତ ଅତିଥି ଜେବିଏନ୍‌ଏମ୍‌ପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଲର ଅଧକ୍ଷ କିଶୋର କୁମାର ରାଉତ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ସିନିୟର ଏବଂ ସବ୍ ଜୁନିୟର ବିଭାଗରେ ଉଭୟ ବାଳିକା ଓ ବାଳକ ଖେଳାଳିମାନଙ୍କୁ ଚୟନ କରାଯାଇଥିଲା। ଜିଲାର ବିଭିନ୍ନ ଗ୍ରାମ,ସ୍କୁଲ ଓ କଲେଜରୁ ୩୦ ଝିଅ ଓ ୫୦ ପୁଅ ଭାଗ ନେଇଥିଲେ। ଯେଉଁ ସିନିୟର ଖେଳାଳିମାନେ ଚୟନ ହୋଇଛନ୍ତି ନଭେମ୍ବର ୨ ଓ ୩ ତାରିଖରେ ପୁରୀରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ଏବଂ ସବ୍ ଜୁନିୟର ଖେଳାଳିମାନେ ନଭେମ୍ବର ୯ ଓ ୧୦ ତାରିଖରେ ସୁନ୍ଦରଗଡରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜାତୀୟ ରେଫରି ରମେଶ ଚନ୍ଦ୍ର ନାଏକ ଖେଳ ପରିଚାଳନାର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଖେଳ ଶିକ୍ଷକ ଜୟନ୍ତ କୁମାର ନାଏକ, ରଜନୀକାନ୍ତ ପଟେଲ ଓ ହେମସାଗର ପଟେଲ ସହଯୋଗ କରିଥିଲେ। ସୁନ୍ଦରଗଡ ଜିଲା ସିପକ ଟାକ୍ର ସଂଘ ଆୟୋଜନ କରିଥିବା ବେଳେ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲ ସହଯୋଗ କରିଥିଲା। ଜନସେବା ସମିତି ଯୋଗୀମାଲ ଅନୁଷ୍ଠାନର ସାଧାରଣ ସମ୍ପାଦକ ଲିପ୍ସା ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରତିଯୋଗିତା ସଫଳ ହୋଇଥିଲା। ସମସ୍ତ ଖେଳାଳିଙ୍କୁ ସଦର ବିଧାୟକ ଯୋଗେଶ କୁମାର ସିଂହ, ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌରପାଳିକା ଅଧକ୍ଷା ତନୟା ମିଶ୍ର, ସୁନ୍ଦରଗଡ଼ ଜିଲା ସିପକ ଟାକ୍ର ସଂଘ ଓ ଜନସେବା ସମିତି ଯୋଗୀମାଲ ଅନୁଷ୍ଠାନର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ୩ୟ ସ୍ଥାନରେ ଭିସୁଟ୍ ବୀର୍ ରେସର୍ସ ଇଲେକ୍ଟ୍ରି

**ସମ୍ବଲପୁର,୨୬।୧୦(ପ୍ରମୋଦ ବହିଦାର)**

ଭିସୁଟ୍‌ର ଟିମ୍ ବୀର୍ ରେସର୍ସ ଇଲେକ୍ଟ୍ରିକ ଫର୍ମୁଲା ଇମ୍ପେରିଆଲ-୨୦୨୪ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଛି। ଉତ୍ତରପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଗଲଗୋଟିଆସ ବିଶ୍ୱବିଦ୍ୟାଳୟରେ ଅକ୍ଟୋବର ୫ରୁ ୧୧ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ୩୦ଟି ଟିମ୍ ଭାଗ ନେଇଥିଲେ। ସେଥିରୁ ୬ଟି ବୈଦ୍ୟୁତିକ ଯାନ(ଇଭି) ବର୍ଗରେ ଭାଗ ନେଇଥିଲେ। ଓଡ଼ିଶାର ଏକମାତ୍ର ଦଳ ଭାବେ ଭିସୁଟ୍‌ର ଟିମ୍ ବୀର୍ ରେସର୍ସ ଇଲେକ୍ଟ୍ରିକ ଦଳ ପ୍ରତିଯୋଗିତାରେ ନିଜର ପ୍ରକଳ୍ପ ପ୍ରଦର୍ଶନ କରି ଏହି କୃତିତ୍ୱ ହାସଲ କରିଥିବା ଶନିବାର ଭିସୁଟ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ପ୍ରତିଯୋଗିତାମୂଳକ ପ୍ରକଳ୍ପ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ଆହ୍ୱାନ ରହିଥିଲା। ସେଥିମଧ୍ୟରେ ଟେକନିକାଲ ଇନ୍ସପେକ୍ସନ, ବ୍ରେକିଂ ଟେଷ୍ଟ, ଆକ୍ସଲେରେଶନ ରନ, ଏଣ୍ଡୁରାନ୍ସ ଟ୍ରାୟାଲ ଆଦି ଅନ୍ତର୍ଭୁକ୍ତ। ପ୍ରତ୍ୟେକ ପର୍ଯ୍ୟାୟରେ ଯାନଗୁଡିକର ବାସ୍ତବ ପ୍ରଦର୍ଶନ ଓ ଦଳର ସ୍ଥିର ଓ ଉଚ୍ଚ କ୍ଷମତାସମ୍ପନ୍ନ ସମାଧାନର ସାମର୍ଥ୍ୟ ଓ ଦକ୍ଷତାର ପରୀକ୍ଷା ହୋଇଥିଲା। ତେବେ ଟିମ୍ ବୀର ରେସର୍ସ ଇଲେକ୍ଟ୍ରିକ ଯାନର ପ୍ରଦର୍ଶନ ଓ ସୁସ୍ଥାୟୀ ଚାଳନର ପ୍ରତିବଦ୍ଧତାକୁ ଦର୍ଶାଇବାରେ ସଫଳ ହୋଇଥିଲା। ଏହି ସଫଳତା ପାଇଁ ବୈଷୟିକ ସୋସାଇଟି ଉପସଭାପତି ଡ. ସୁଧାଂଶୁ ରଞ୍ଜନ ଦାସ, ଫାକଲ୍ଟି ଆଡଭାଇଜର୍ ଦେବାଶିଷ ତ୍ରିପାଠୀ, ଟିମ୍ କ୍ୟାପଟେନ ସତ୍ୟବ୍ରତ



ଫର୍ମୁଲା ଇମ୍ପେରିଆଲ-୨୦୨୪ରେ ତୃତୀୟ ସ୍ଥାନ ହାସଲକାରୀ ଭିସୁଟ୍‌ର ଟିମ ବୀର୍ ରେସର୍ସ ଇଲେକ୍ଟ୍ରିକ ସଦସ୍ୟମାନେ।

**ଫର୍ମୁଲା ଇମ୍ପେରିଆଲ-୨୦୨୪**

ସାହୁ, ଟିମ ଭାଇସ କ୍ୟାପଟେନ ଅଭିଷେକ ସାବତ, ବୈଷୟିକ ମୁଖ୍ୟ ବିଷ୍ଣୁ ପ୍ରସାଦ ସାହୁ, ମାର୍କେଟିଂ ମୁଖ୍ୟ ସୌମ୍ୟା ଶାଶ୍ୱତୀ ସାହୁ, ଚେସିସ୍ ଓ ଡିଜାଇନ ମୁଖ୍ୟ ପିଟର ଟୋପ୍ପୋ, ପାୱରଟ୍ରେନ ମୁଖ୍ୟ ସମ୍ରିତ କୃଷନ, ବ୍ରେକ୍ସ ଓ ଟାୟର ମୁଖ୍ୟ ମିଲନ ପୃଷ୍ଟି, ସସ୍ପେନସନ ମୁଖ୍ୟ ଅନିନ୍ଦିତା ପତି, ଉତ୍ପାଦନ ମୁଖ୍ୟ ଜନ୍ମେଜୟ ଜେନା, ଡ୍ରାଇଭ ଟ୍ରେନ ମୁଖ୍ୟ ଗିରୀଜା ମେହେର୍, ସୌମ୍ୟ ରଞ୍ଜନ ବିଶ୍ୱାଳ, ହିମାଦ୍ରୀ ତନୟା ଆଚାର୍ଯ୍ୟ, ତମନ୍ନା ନନ୍ଦି, ଜଟାଧାରୀ ସାହୁ, ଜନସମ୍ପର୍କ ଅଧିକାରୀ କେ.ଅନିଶ ଓ ଶୁଭମ ଦାସ, କୋଷାଧ୍ୟକ୍ଷ ସାଇ ପଟ୍ଟନାୟକ ଓ ଟିମ୍ ମ୍ୟାନେଜର ଅନ୍ସଲ ଭୋଇ ତଥା ଅନ୍ୟାନ୍ୟ ଟିମ ସଦସ୍ୟାମାନଙ୍କୁ ଶ୍ରେୟ ପ୍ରଦାନ କରାଯାଉଛି।

## ଦୁର୍ଘଟଣାରେ ବାପପୁଅଙ୍କ ମୃତ୍ୟୁ

**ବେଲପଡା,୨୬।୧୦(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସଲଣ୍ଡି-ଖରବାହାଲି ରାସ୍ତାରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖରବାହାଲି ଗ୍ରାମର ମନୁ ନିଆଲ(୫୫) ଓ ପୁଅ କ୍ଷେତ୍ରି ନିଆଲ (୨୫)। ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ବାଇକ୍‌ରେ ବାପ ପୁଅ ଦୁହେଁ ସଲଣ୍ଡି ଗ୍ରାମକୁ କୌଣସି କାମ ପାଇଁ ଯାଇଥିଲେ। କାମ ସାରି ନିଜ ଗାଁ ଖରବାହାଲିକୁ ଫେରୁଥିବା ବେଳେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ବୁଲାଣିରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଉଭୟ ବାପ ପୁଅ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ମନୁଙ୍କ ମୃତ୍ୟୁ ଘଟିଥିଲା। ପୁଅ କ୍ଷେତ୍ରିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ସେଠାରେ ପୁଅ କ୍ଷେତ୍ରିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ବେଲପଡା ପୋଲିସ ଘଟଣାର ତଦନ୍ତ ଚଲାଇଛି। ବ୍ୟବଚ୍ଛେଦ ପରେ ମନୁଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପୁଅର ଲୁହା ଛଡ଼ ମାଡ଼ରେ ବାପା ଗୁରୁତର

**ଦେବଗଡ଼,୨୬।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ସିଙ୍ଗଶାଳ ପଞ୍ଚାୟତ ପଦ୍ମପୁର ଗ୍ରାମରେ ଶନିବାର ରାତି ପାରିବାରିକ କଳହକୁ କେନ୍ଦ୍ର କରି ପୁଅର ଲୁହା ଛଡ ମାଡରେ ବାପା ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତ ପ୍ରାୟ ୩ ଦିନ ହେଲା କୌଣସି ଏକ ପାରିବାରିକ କଥାକୁ କେନ୍ଦ୍ର କରି ପୁରସ୍ତମ ପେଣ୍ଟେଇ (୫୦) ଏବଂ ତାଙ୍କ ପୁଅ ରାହୁଲ ପେଣ୍ଟେଇ (୨୨)ଙ୍କ ମଧ୍ୟରେ ବଚସା ଲାଗି ରହିଥିଲା। ତେବେ ବାପା ଓ ପୁଅ ନିଶାସକ୍ତ ଅବସ୍ଥାରେ ଥିବା ବେଳେ ଉକ୍ତ ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଶନିବାର ରାତିରେ ପୁଣି ଥରେ ଗଣ୍ଡଗୋଳ ହୋଇଥିଲା। ଫଳରେ ଉଦକ୍ଷିପ୍ତ ହୋଇ ରାହୁଲ ତାଙ୍କ ବାପା ପୁରସ୍ତମଙ୍କ ଉପରକୁ ଏକ ଲୁହାଛଡରେ ଆକ୍ରମଣ କରିଥିଲେ। ପୁରସ୍ତମଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକ ୧୧୨କୁ ଫୋନ କରି ପୋଲିସର ସହାୟତା ମାଗିଥିଲେ। ବାରକୋଟ ଥାନା ପୋଲିସ ଗାଁରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ବାରକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ରାତି ପ୍ରାୟ ୧୦ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

## ସଂକ୍ଷେପରେ

### ସ୍କୁଟର ଚୋରି ଉଦ୍ୟମ ବିଫଳ, ଧରାପଡ଼ିଲେ ଚୋର

**ଦେବଗଡ଼,୨୬।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଲଇମୁରା ଥାନା ଡିମିରିକୁଦା ଗ୍ରାମରୁ ସ୍କୁଟର ଚୋରି ଉଦ୍ୟମ ବିଫଳ ହୋଇଥିବା ବେଳେ ସ୍ଥାନୀୟ ଲୋକ ଚୋରଙ୍କୁ କାବୁ କରି ପୋଲିସର ଜିମା ଦେଇଥିବା ଜଣାପଡିଛି। ଡିମିରିକୁଦା ଗ୍ରାମର ସ୍ୱର୍ଗତ କୃପା ପଲେଇଙ୍କ ପୁଅ ସନ୍ତୋଷ ପଲେଇ ଏକ ସ୍କୁଟର ନେଇ ଶନିବାର ଗାଁ ଭିତରେ ଛିଡା ହୋଇଥିବା ବେଳେ କୌଣସି ବାହାନା କରି ଜଣେ ବ୍ୟକ୍ତି ସ୍କୁଟର ନେଇ ଫେରାର ମାରିବାକୁ ଚେଷ୍ଟା କରୁଥିଲେ। ମାତ୍ର ସ୍ଥାନୀୟ ଲୋକ ତାଙ୍କୁ କରିବା ସହିତ ଲଇମୁରା ଥାନା ପୋଲିସକୁ ଜିମା ଦେଇଛନ୍ତି। ତେବେ ସ୍କୁଟି ଚୋରି ଉଦ୍ୟମ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପୋଲିସ ପଚରା ଉଚୁରା କରୁଥିବା ବେଳେ ପରିଚୟ ମିଳି ପାରିନି। ଅଧିକ ଖୋଲତାଡ ପରେ ପରିଚୟ ମିଳିବା ସହିତ ରବିବାର କୋର୍ଟଚାଲାଣ କରାଯିବ ବୋଲି ଲଇମୁରା ଥାନା ଭାରପ୍ରାପ୍ତ ଅଧିକାରୀ ପଙ୍କଜ ମାଝି ସୂଚନା ଦେଇଛନ୍ତି।

## ଦୁର୍ନୀତିମୁକ୍ତ ସମାଜ ଗଠନରେ ଯୁବ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଦୁର୍ନୀତି ନିବାରଣ ନିମନ୍ତେ ଶପଥ ପାଠ।

**ଦେବଗଡ଼,୨୬।୧୦(ଶଶାଙ୍କ ଶେଖର ଝାଙ୍କର)**

**ଦୁର୍ନୀତି ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଓ ମୋ ଯୁବା ଭାରତ ପକ୍ଷରୁ କଣ୍ଢେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଦୁର୍ନୀତି ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ମୁକ୍ତ ସମାଜ ଗଠନରେ ଯୁବ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଜଣେ ସଚ୍ଚୋଟ ନାଗରିକ ଭାବେ ନିଜକୁ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମାନସ କୁମାର ପାତ୍ର, ଅଧ୍ୟାପିକା ହେମାଙ୍ଗିନି ମହାରଣା, ସୁଭଲଗ୍ନା ଦେବତା, ଯଶମତି ସିଂହ ପ୍ରମୁଖ ଯୋଗଦେଇ ସାଂପ୍ରତିକ ସମାଜରେ ଦୈନନ୍ଦିନ ଖବର କାଗଜରେ ଦୁର୍ନୀତି ସମ୍ପର୍କରେ ଅନେକ ଖବର ପୃଷ୍ଠା ମଣ୍ଡନ କରୁଛି। ଏହି ଲଜ୍ଜ୍ୟା ଜନକ ଖବରର ବିଲୁପ୍ତ ପାଇଁ ଆମେ ସମସ୍ତେ ସଚେତନ ହେବାକୁ ନିଜର ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ରିନୁ ସାହୁ ପ୍ରଥମ, ସୁଚରିତା ପ୍ରଧାନ ଦ୍ୱିତୀୟ ଓ ସବନା ଖାତୁନ୍ ତୃତୀୟ ଏବଂ ସଙ୍ଗୀତ ପ୍ରତିଯୋଗିତାରେ କାଜଲ କାରିଗର ପ୍ରଥମ, ସୁଚରିତା ପ୍ରଧାନ ଦ୍ୱିତୀୟ ଓ ପ୍ରତିମା କିଷାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁର୍ନୀତି ନିବାରଣ ନିମନ୍ତେ ଶପଥ ପାଠ କରାଯାଇଥିଲା। ବରିଷ୍ଠ କିରାଣି ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କ୍ରୀଡ଼ା ଶିକ୍ଷକ ଧବଳେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ରଞ୍ଜିତ ପ୍ରଧାନ ସହଯୋଗ କରିଥିଲେ।

## ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାରକଲେ ଗୋପବନ୍ଧୁ କ୍ଲବ, ନଳବନ୍ଧର ସଦସ୍ୟ

**ଦେବଗଡ଼,୨୬।୧୦ (ଶଶାଙ୍କ ଶେଖର ଝାଙ୍କର)**

ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କଲେ ଗୋପବନ୍ଧୁ କ୍ଲବ, ନଳବନ୍ଧର ସଦସ୍ୟମାନେ। ସୂଚନା ଅନୁଯାୟୀ ରିଆମାଳ ବ୍ଲକ ରାମପାଲି ଗ୍ରାମର କୌଣସି ଏକ ପ୍ରାୟ ଷାଠିଏ ବର୍ଷୀୟ ମାନସିକ ବିକୃତ ବ୍ୟକ୍ତି ଉକ୍ତ ଗ୍ରାମର ବୁଲାବୁଲି କରୁଥିଲେ। ତାର ହାବଭାବ ଆଚରଣ ଓ କଥାକୁହା ଦେଖି ପିଲାମାନେ ଜାଣିବାକୁ ପାଇଲେ ଯେ ସେ ଏକ ମାନସିକ ବିକୃତୀ ସଂପନ୍ନ ବ୍ୟକ୍ତି। ଲୋକ ପ୍ରାୟ ୧୮ ଦିନ ହେଲା ଘର ଛାଡ଼ି ବାହାରେ ବୁଲୁଥିଲା । ଲୋକ ଜଣଙ୍କ ଗୋଟିଏ ଘରକୁ ପ୍ରବେଶ କରିବାକୁ ଉଦ୍ୟମ କଲାବେଳେ କୁକୁରମାନେ ତାଙ୍କୁ ଗୋଡ଼ାଇଥିଲେ। ଗୋପବନ୍ଧୁ କ୍ଲବ, ନଳବନ୍ଧର ସମାଜସେବୀ ପିଲାମାନଙ୍କୁ ନେଇ ଯୁବ ସାମାଜିକ କର୍ମୀ ଶାନ୍ତ କୁମାର ବେହେରା, ତୁଷାର ନାଗ ଓ ତପନ କୁମାର ବେହେରା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭଗବତ ମଣ୍ଡପକୁ ନେଇ ରାତିରେ ଖାଇବାକୁ ଦେଇଥିଲେ। ସାମାଜିକ କର୍ମୀମାନେ ବାରକୋଟ ଥାନା ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କ ସହ ଯୋଗାଯୋଗ କରିଥିଲେ। ଦେବଗଡ଼ ଜିଲାପାଳଙ୍କ ଇମରଜେନ୍ସି ଅଫିସର ହେମନ୍ତ କୁମାର ସିଂଙ୍କ ସହ ଯୋଗାଯୋଗ କରିବା ସହ ବାରକୋଟ ବ୍ଲକ ବିଡିଓ ଶସ୍ମିତରଞ୍ଜନ ସାହୁଙ୍କୁ ଜଣାଇଥିଲେ। ବିଡିଓଙ୍କ ପରାମର୍ଶ କ୍ରମେ କାଉଁଶିବାହାଳ ଗ୍ରାମପଞ୍ଚାୟତ ପିଇଓ ଶଜଗବନ୍ଧୁ ପ୍ରଧାନ ଆର୍ଥିକ ସହାୟତା ଯୋଗାଇଥିଲେ। ଜିଲା, ବ୍ଲକ ଓ ଗ୍ରାମପଞ୍ଚାୟତର ସହାୟତାକ୍ରମେ ଶପ୍ରଶାନ୍ତ କୁମାର ବେହେରା ନିଜ ଗାଡ଼ିରେ ରିଆମାଳ ଥାନାକୁ ସମ୍ପୃକ୍ତ ମାନସିକ ବିକୃତ ବ୍ୟକ୍ତି କଷ୍ଟୁ ସାହୁଙ୍କୁ ରାତି ୧ଟାରେ ପହଞ୍ଚାଇଥିଲେ। ରିଆମାଳ ଥାନା ପାଟ୍ରୋଲିଂରେ ଥିବା ପୋଲିସ ଏସଆଇ ଶ୍ରୀବସ ମହାନ୍ତିଙ୍କ ସହାୟତାରେ ସମ୍ପୃକ୍ତ ମାନସିକ ବିକୃତ ବ୍ୟକ୍ତିଙ୍କୁ ତାଙ୍କ ସ୍ୱଗୃହ ରାମପାଲି ଯାଇ ହସ୍ତାନ୍ତର କରିଥିଲେ।

## ମହିଳାଙ୍କୁ ହତ୍ୟା ଧମକ ଦେଇ ଯୁବକ ଗିରଫ

**କୁଚିଣ୍ଡା,୨୬।୧୦(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଭିଏଏସ କଲୋନୀର ଜଣେ ମହିଳାଙ୍କୁ ହତ୍ୟା ଧମକ ଦେଇଥିବା ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ଭିଏଏସ କଲୋନୀର ବିନୋଦ ସିଂ(୩୦)। ଏନେଇ ଉମା ସିଂଙ୍କ ଅଭିଯୋଗ ଆଧାରରେ ଗୋବିନ୍ଦପୁର ଥାନାରେ ଦଫା ୩୯୬/୩୫୧(୩) /୩୫୧(୪)ବିଏନଏସରେ ଏକ ମାମଲା (ନଂ.୧୮୪ /୨୪) ରୁଜ ହୋଇଛି। ସୂଚନା ଅନୁଯାୟୀ, ଭିଏଏସ କଲୋନୀର ଉମା ସିଂ (୩୦)ଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଉକ୍ତ ସାହିର ବିନୋଦ ସିଂ ମୋବାଇଲ ଫୋନରେ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା।

## ୧୧୫ ଖଣ୍ଡ ଖଇର, କେନ୍ଦୁ କାଠଗଣ୍ଡି ଜବତ



ଜଙ୍ଗଲରୁ ଜବତ କାଠ ଗଣ୍ଡି।

**କଣ୍ଟାବାଞ୍ଜି,୨୬।୧୦(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନ ବେଲପଡା ଥାନା ବେଲପଡା ଗାଁ ନିକଟ ଜଙ୍ଗଲରୁ ଶନିବାର ଦିନ ୧୧୫ ଖଣ୍ଡ ଖଇର ଏବଂ କେନ୍ଦୁ କାଠଗଣ୍ଡି ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଫିସର ଏସ.ସାହୁଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଙ୍ଗଲରେ ଚଢ଼ାଉ କରି ଖଇର ଓ କେନ୍ଦୁ କାଠଗଣ୍ଡି ଜବତ କରିଥିଲେ। ଏହିସବୁ କାଠ ଗଣ୍ଡି ଚୋରା ଚାଲାଣ ହେବାକୁ ଥିଲା । ଚଢ଼ାଉରେ ତୁରେକେଲା, ଲର୍କି ଓ ମହୁଲପାଟି ଫରେଷ୍ଟର ତଥା ପାରାସ୍କ୍ୱାଡ୍ ଗାର୍ଡ ସାମିଲ ଥିଲେ। ଜବତ କାଠଗଣ୍ଡି ପ୍ରାୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି।

## ଓଡ଼ିଶା ବିଧାନସଭାର ପ୍ରଥମ ବର୍ଷୀୟାନ ବିଧାୟକ ମକରଧ୍ୱଜ ପ୍ରଧାନଙ୍କ ପରଲୋକ



**ବ୍ରଜରାଜନଗର,୨୬।୧୦(ବିଜୟ ବରାଡ଼)**

ଓଡ଼ିଶା ବିଧାନ ସଭାର ପ୍ରଥମ ବିଧାୟକ ମକରଧ୍ୱଜ ପ୍ରଧାନଙ୍କ ଶୁକ୍ରବାର ଅପରାହ୍ନରେ ଝାରସୁଗୁଡ଼ା ଜିଲା ବାଘମୁଣ୍ଡାସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ୧ ମାସ ହେବ ଶଯ୍ୟାଶାୟୀ ଥିଲେ। ନିଜ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କ ବଡ଼ ପୁଅ କମଲ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପ୍ରଧାନ ୧୯୫୨ରେ ଓଡିଶାର ପ୍ରଥମ ସାଧାରଣ ନିର୍ବାଚନରେ ମୁରା-ଅମ୍ବାଭନା ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇ ୧୯୫୭ ଯାଏଁ ଗୃହର ସଦସ୍ୟ ଥିଲେ। ମକରଧ୍ୱଜଙ୍କ ଜନ୍ମ ୧୯୨୪ ମସିହା ଜାନୁଆରୀ ୧୪ରେ ହୋଇଥିଲା। ମକରଧ୍ୱଜ ପ୍ରଜା ସୋସାଲିଷ୍ଟ ଦଳରୁ ପଶ୍ଚିମ ଓଡିଶାର ଏକମାତ୍ର ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହେବା ତାଙ୍କର ବଳିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱର ପରାକାଷ୍ଠା। କୃଷି ଓ କୃଷକର ଚରମ ସପକ୍ଷବାଦୀ ଆନ୍ଦୋଳନର କର୍ମବୀର ଯୋଦ୍ଧା ଥିଲେ। ବ୍ୟକ୍ତିଗତ ଅପେକ୍ଷା ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ରାଜନୈତିକ ବ୍ୟକ୍ତି ବିଶେଷ କାର୍ଯ୍ୟ କରୁଥିଲେ। ଦଳ ଅପେକ୍ଷା ନିଜର ସରଳତା, ସେବା ମନବୃତି, ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦେବାକୁ ସେ ଗୁରୁତ୍ୱ ଦେଉଥିଲେ। ୧୯୫୨ ମସିହା ମାର୍ଚ୍ଚ ୨୭ ନିର୍ବାଚନରେ ସୋସାଲିଷ୍ଟ ପାଟିରୁ ସମ୍ବଲପୁର ଜିଲା ଅନ୍ତର୍ଗତ ଅମ୍ବାଭନା-ମୁରା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ି ବିଧାନ ସଭାକୁ ଯାଇଥିଲେ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷା

**ବ୍ରଜରାଜନଗର,୨୬।୧୦(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ପତଞ୍ଜଳି ଯୋଗ ସମିତିର ସଦସ୍ୟମାନେ ଶନିବାର ଯୋଗ ଶିକ୍ଷା ଦାନ କରିଛନ୍ତି। ଯୋଗ ଗୁରୁ ପ୍ରଶାନ୍ତ ସିଂ, ରଞ୍ଜନ ସିଂ, ବର୍ଷା ଶହ, ସୁସିନୀ ସାହୁ ତାଙ୍କ ଦଳ ପୌରାଞ୍ଚଳର ଲାଲାଲାଜପତ ରାୟ ଓପିଏ ଏମ୍ ବାଳକ ବିଦ୍ୟାଳୟ, ଓପିଏଏମ୍ ବାଳିକା ବିଦ୍ୟାଳୟ, ଏନ୍ଏସ୍ସି ବାଳିକା ବିଦ୍ୟାଳୟ ଓରିଏଣ୍ଟ, କୋଲିୟରୀ ଉଚ୍ଚ ବିଦ୍ୟାଳୟ ଯାଇ ଯୋଗ ଶିକ୍ଷା ଦେଇଥିଲେ। ଯୋଗ ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଶରିର ସୁସ୍ଥ ରହିବା ସହ ଶିକ୍ଷା କ୍ଷେତ୍ରରେ ମଧ୍ୟ ଉନ୍ନତି କରିପାରିବେ ବୋଲି ଯୋଗ ଗୁରୁ ପ୍ରଶାନ୍ତ ସିଂ ପ୍ରକାଶ କରିଥିଲେ। ଆଗାମୀ ଦିନରେ ପତଞ୍ଜଳିଯୋଗ ସମିତିପ୍ରତ୍ୟେକଶିକ୍ଷାନୁଷ୍ଠାନ ଯାଇ ଯୋଗ ଶିକ୍ଷା ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରକାଶ କରିଥିଲେ।



ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷା ଦିଆଯାଉଛି।

## କର୍କଟ ରୋଗୀଙ୍କୁ ବଢ଼ିଲା ସହଯୋଗର ହାତ

**ସମ୍ବଲପୁର,୨୬।୧୦(ପ୍ରମୋଦ ବହିଦାର)**

ଯୁଯୋମୁର ବ୍ଲକ ଛାମୁଣ୍ଡା ପଞ୍ଚାୟତର ପ୍ରଦୀପ ମାଝୀ ମଳଦ୍ୱାର କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା କରି ପାରୁ ନ ଥିଲେ। ଶେଷରେ ନିରୂପାୟ ହୋଇ ସାମାଜିକ ସଙ୍ଗଠନ ସ୍ୱଇଚ୍ଛା ପରିବାରର ଦ୍ୱାରସ୍ଥ ହୋଇଥିଲେ। ସ୍ୱଇଚ୍ଛା ପରିବାର ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସହ ସ୍ୱଇଚ୍ଛା ପରିବାରର କର୍ମକର୍ତ୍ତାମାନେ ତାଙ୍କୁ ତୁରନ୍ତ ବୁର୍ଲା ଭୀମସାର ସ୍ଥିତ କର୍କଟ କେନ୍ଦ୍ରରେ ପରୀକ୍ଷଣ କରାଇଥିଲେ। ଚିକିତ୍ସକଙ୍କ ପରାମର୍ଶ କ୍ରମେ ମଙ୍ଗଳବାର ତାଙ୍କର ଏମଆର୍ଆଇ କରାଯିବ। ରିପୋର୍ଟ ମିଳିବା ପରେ ତାଙ୍କୁ ଉପଯୁକ୍ତ ଚିକିତ୍ସାସେବା ପ୍ରଦାନ କରାଯିବ ବୋଲି ସମ୍ପୃକ୍ତ ଚିକିତ୍ସକ କହିଛନ୍ତି। ଅଭିଷେକ ଲିମା, ଆକାଶ ବିଶ୍ୱକର୍ମା, ଦିଲୀପ ପଣ୍ଡା, ଆର୍ତ୍ତତ୍ରାଣ ଶତପଥୀ, ସନ୍ତୋଷ ମହାନ୍ତି, ମନୋଜ ଗୁପ୍ତା, ମୋହିତ ଅଗ୍ରୱାଲ, ଶ୍ରୀକାନ୍ତ ପ୍ରଧାନ, ଜଗନ୍ନାଥ ବରାଇ, ପ୍ରତ୍ୟୁଷ ପଣ୍ଡା ପ୍ରମୁଖ ସ୍ୱଇଚ୍ଛା ପରିବାରର କର୍ମକର୍ତ୍ତା ନିଃସହାୟ ପ୍ରଦୀପଙ୍କ ଚିକିତ୍ସାର ଦାୟିତ୍ୱ ନେଇଛନ୍ତି।



## ପାଣି ନାହିଁ, ଧାନ ଫସଲ ପ୍ରଭାବିତ

**ସମ୍ବଲପୁର,୨୬।୧୦(ଭବାନୀ ଶଙ୍କର ଭୋଇ)**

ଦାନା ପ୍ରଭାବରେ ସମ୍ବଲପୁର ଜିଲାରେ ଭଲ ବର୍ଷା ହେବା ନେଇ ଚାଷୀମାନେ ଆଶାବାଦୀ ଥିଲେ। ହେଲେ ବର୍ଷା ହେଲାନାହିଁ। ଖାଲି ସେତିକି ନୁହେଁ ଜିଲାର ବିଭିନ୍ନ ଅଞ୍ଚଳରେ ସେପ୍ଟେମ୍ବର ୧୫ପରଠାରୁ ଠିକ୍‌ଭାବେ ବର୍ଷା ହୋଇନାହିଁ। ପାଣିପାଗ ବିଶେଷଜ୍ଞମାନେ ମୌସୁମୀ ଫେରିଥିବା ସୂଚନା ଦେଇଥିବା ବେଳେ ଲଘୁଚାପଜନିତ ବର୍ଷା ମଧ୍ୟ ହୋଇନାହିଁ। ଅନ୍ୟ ପକ୍ଷରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ମେଗା ଉଠାଜଳ ସେଚନ ପ୍ରକଳ୍ପ ଠିକ୍ ଭାବରେ କାମ କରୁନାହିଁ। ଫଳରେ ଗର୍ଭ ଅବସ୍ଥାରେ ଥିବା ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

ଯୁଯୋମୁରା ବ୍ଲକ କବରାପାଲି ମେଗା ଉଠାଜଳ ସେଚନ ପ୍ରକଳ୍ପ କାର୍ଯ୍ୟ କରୁ ନ ଥିବାରୁ ୫୦ ଏକରରୁ ଅଧିକ ଚାଷ ଜମି ମରୁଡି ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଚାଷୀମାନେ ପମ୍ପ ସାହାଯ୍ୟରେ ଗାଡିଆ ପୋଖରୀରୁ ଫସଲରେ ପାଣି ମଡାଉଛନ୍ତି ବୋଲି କହିଛନ୍ତି ଗାଁର ଚାଷୀମାନେ। ସେହିପରି ଧମା ସୁବନପୁର ଅଞ୍ଚଳର ଚାଷୀ ରୋହିତାଶ୍ୱ ସାହୁ କହିଛନ୍ତି, ମହାନଦୀରୁ ଚାଷୀଙ୍କ ପାଇଁ ନିର୍ମାଣ କରାଯାଇଥିବା ମେଗା ଉଠାଜଳ ସେଚନ ପ୍ରକଳ୍ପରେ ତାଙ୍କ ଗାଁ ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁ ନାହିଁ। ଜିଲା କୃଷି ବିଭାଗର ତଥ୍ୟ ଅନୁସାରେ ଜିଲାରେ ଅକ୍ଟୋବର ମାସରେ ୫୪ ମିଲିମିଟର ବର୍ଷାର ଆବଶ୍ୟକତା ରହିଥାଏ। ତେବେ ଜିଲାରେ ମାତ୍ର ୧୦.୭୬ ମିଲିମିଟର ବର୍ଷା ରେକର୍ଡ କରାଯାଉଥିବାରୁ ବହୁ ଅଞ୍ଚଳରେ ମରୁଡି ଆଶଙ୍କା ଦେଖାଦେଇଛି। କୃଷି ବିଭାଗର ତଥ୍ୟ ଅନୁସାରେ ରେଙ୍ଗାଲି ବ୍ଲକରେ ଜିଲାର ସର୍ବାଧିକ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଧନକଉଡାରେ ୩ ମିମି, ରେଢାଖୋଲରେ ୫ ମିମି, ଜମନକିରାରେ ୬ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଜିଲାର ଅନ୍ୟ ବ୍ଲକମାନଙ୍କରେ ମଧ୍ୟ ୧୦ରୁ ପନ୍ଦର ମିମି ବର୍ଷା ହୋଇଛି। ଯାହା ଧାନ ଫସଲ ପାଇଁ ଯଥେଷ୍ଟ ନୁହେଁ। ନାକଟିଦେଉଳ, ରେଢାଖୋଲ, ଜମନକିରା, ବାମରା, କୁଚିଣ୍ଡା ଏବଂ ଯୁଯୋମୁରାର ଅନେକ ଅଞ୍ଚଳରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି।



ଯୁଯୋମୁରା ବ୍ଲକ ଛାମୁଣ୍ଡାରେ ପାଣି ଅଭାବରୁ ଧାନଗଛ ମରିଯାଇଛି।

